ଧରିତ୍ରୀ
DHARITRI
September 19-25, 2021 ₹ 2/-

# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



## ଛତାର କଥା

ଛତା! ସେ ରୋକି ନ ପାରେ ବର୍ଷା, କିନ୍ତୁ ଭିଜିବାକୁ ବି ଦିଏନା। ସେ କମ୍ ନ କରି ପାରେ ସୂର୍ଯ୍ୟର ଉତ୍ତାପ ହେଲେ ପ୍ରଦାନ କରେ ଛାୟା ଓ ଦିଏ କିଛିଟା ଶୀତଳତା। ସେଇଥିପାଇଁ ତ କାହିଁ କେଉଁ କାଳରୁ ଛତା ସାଜିଛି ମଣିଷର ଖରାବର୍ଷାର ସାଥୀ। ଖାଲି ସେତିକି ନୁହେଁ ଏଇ ଛତା କେବେ ସାଜିଛି ପ୍ରତିପତି ଓ ପ୍ରେମର ପ୍ରତୀକ ତ ଆଉ କେବେ ପୁଣି ହତିଆର। ଏଇ ଛତାର ଅନେକ କଥାକୁ ନେଇ ଏଥରର ପ୍ରଚ୍ଛଦ...






ସିନେମା
୮/୯

# ଘରେ ଶାନ୍ତି ରହିବା ପାଇଁ ...

## ବାସ୍ତୁଶାସ୍ତ୍ର ଅନୁସାରେ ଘରେ କେମିତି ଶାନ୍ତି ବଜାୟ ରହିବ ସେ ନେଇ କିଛି ଟିପ୍ସ...



- ସପ୍ତାହରେ ଥରେ ହେଉନା କାହିଁକି ଘରେ ଝୁଣା ଧୂପ ଲଗାଇବା ଶୁଭ ହୋଇଥାଏ।
- ସେହିପରି ତାୱାରେ ରୁଟି ସେକିବା ପୂର୍ବରୁ ସେଥିରେ କିଛି କ୍ଷୀରର ଛିଟା ମାରିକି ସେକିବା ସହ ପ୍ରଥମ ରୁଟିକୁ ଗୋମାତାଙ୍କୁ ଖାଇବାକୁ ଦେଲେ ଘରେ ସୁଖଶାନ୍ତି ବଢିଥାଏ ବୋଲି ବିଶ୍ୱାସ ରହିଛି।
- ଘରେ ଗୋଟିଏ ରେଖାରେ ତିନୋଟି କବାଟ ରହିବା ମଧ୍ୟ ଆଦୌ ଶୁଭ ଲକ୍ଷଣ ହୋଇ ନଥାଏ।
- ସେହିପରି ଭଙ୍ଗାରୁଜା କିମ୍ବା ଅନାବଶ୍ୟକ ଜିନିଷ ତଥା ଶୁଖିଲା ଫୁଲ ଆଦିକୁ ଘରେ ରଖିବା ବି ଉଚିତ୍ ନୁହେଁ।
- ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜୀମା ଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇଥାଏ।
- ଘରେ ରାହୁ ଦୋଷ ଥିଲେ ମୟୂର ପୁଚ୍ଛକୁ ଘରର ପୂର୍ବ ତଥା ଉତ୍ତର ଦିଗରେ ଥିବା କବାଟରେ ଲଗାଇଦେଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
- ସୋରିଷ ତେଲରେ ଲବଙ୍ଗ ପକାଇ ଦୀପ ଜଳାଇଲେ ଘରେ ଶାନ୍ତି ବଜାୟ ରହିଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ।
- ଅନ୍ୟପକ୍ଷେ ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବଂା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୧୯-୨୫

### ମେଷ



ବନ୍ଧୁଙ୍କ ସାହାଯ୍ୟ, ଉତ୍ସାହିତ ରହିବେ, ନୂତନ କର୍ମାରମ୍ଭ, ପାରିବାରିକ ମତାନ୍ତର, ଆର୍ଥିକ ସଂକଟ, ସାହିତ୍ୟ କୃତିରୁ ସମ୍ମାନ, ମାଲିମକଦ୍ଦମାରେ ବିଜୟ, ଯାତ୍ରାରେ ଲକ୍ଷ୍ୟ ପୂରଣ, ଆତ୍ମୀୟଙ୍କ କର୍ତ୍ତୃତ୍ୱ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ।

### ବୃଷ




ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ସହାନୁଭୂତି, କର୍ମକ୍ଷେତ୍ରରେ ମତାନ୍ତର, ଜିଦ୍‌ଖୋରରୁ ଅନର୍ଥ, ମାନସିକ ଅସ୍ଥିରତା, ଯାନବାହନରେ ସମସ୍ୟା, ଆନୁଷ୍ଠାନିକ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ।

### ମିଥୁନ



ଶୁଭ ଖବର, ନୂତନ ନିଯୁକ୍ତି, ବ୍ୟବସାୟରେ ଉନ୍ନତି, ପୈତୃକ ସମ୍ପତ୍ତିରେ କଳହ, ମୂଲ୍ୟବାନ୍ ଜିନିଷପ୍ରାପ୍ତି, ଦୈହିକ ଦୁର୍ବଳତା, ପାରିବାରିକ ଶାନ୍ତି, ସାଧନାରେ ଅଗ୍ରଗତି, କଲ୍ୟାଣମୂଳକ କାର୍ଯ୍ୟ।

### କର୍କଟ



କର୍ମଜଞ୍ଜାଳ ବୃଦ୍ଧି, ଅଧସ୍ତନଙ୍କ ଅସହଯୋଗ, ବିବାହ ପ୍ରସ୍ତାବର ଆଲୋଚନା, ବକେୟା ଅର୍ଥଲାଭ, ପରିବାରରେ ଯୁକ୍ତିତର୍କ, ପଡ଼ୋଶୀଙ୍କ ପରାମର୍ଶ, ସନ୍ତାନଙ୍କ କୃତିତ୍ୱ, କର୍ମକ୍ଷେତ୍ରରେ ଗୌରବ।

### ସିଂହ



ବନ୍ଧୁଙ୍କ ପ୍ରତାରଣା, ଟେନ୍‌ସନ୍ ବୃଦ୍ଧି, ମନୋରଞ୍ଜନରେ ଅରୁଚି, ମାନସିକ ଦ୍ୱନ୍ଦ୍ୱ, ପରିସ୍ଥିତି ବଦଳିବ, ଖର୍ଚ୍ଚ ପରିମାଣ ବୃଦ୍ଧି, ଖାଦ୍ୟପେୟରେ ଅନିୟମିତତା, ଉପରିସ୍ଥଙ୍କ ଚାପ, ସମ୍ପର୍କୀୟଙ୍କ ବେଖାତିର, ସନ୍ତାନଙ୍କ ସମସ୍ୟା।

### କନ୍ୟା



ବନ୍ଧୁମିଳନ, ପରିଜନ ସହ ଭ୍ରମଣ, ସମସ୍ୟା ସମାଧାନ, ଋଣଗ୍ରସ୍ତ ହେବେ, ରାଜନୀତିରେ ବିବାଦ, ମିଥ୍ୟା ଗୁଜବରୁ ଆଶଙ୍କା, ସାମ୍ବାଦିକତାରୁ ସମ୍ମାନ, ନୂତନ ସମ୍ପର୍କ, ବାଣିଜ୍ୟର ଅଭିବୃଦ୍ଧି, ଦୂରଯାତ୍ରାର ଯୋଜନା।

### ତୁଳା



ମାନସିକ ଅଶାନ୍ତି, କାର୍ଯ୍ୟହାନିରୁ କ୍ଷୋଭ, ଧର୍ମାନୁଷ୍ଠାନରେ ସହଯୋଗ, ମନୋବଳ ବୃଦ୍ଧି, ବିପଦରେ ସହାୟତା, ନୂତନ କାର୍ଯ୍ୟାରମ୍ଭ, ବୃଥାଟନରୁ ମନସ୍ତାପ, ବିଦେଶ ଯାତ୍ରାର ଯୋଜନା, ରୋଗପୀଡ଼ାରେ ଉପଶମ, ଆର୍ଥିକ ସଂକଟ।

### ବିଛା



ସମ୍ପର୍କରେ ତିକ୍ତତା, କର୍ମକ୍ଷେତ୍ରରେ ବାଧାବିଘ୍ନ, ଧୈର୍ଯ୍ୟଚ୍ୟୁତି ଘଟିବ, ସ୍ୱାସ୍ଥ୍ୟରେ ବ୍ୟତିକ୍ରମ, ପଡ଼ୋଶୀଙ୍କ ସହଯୋଗ, ଶତ୍ରୁତାର ସମାଧାନ, ଧର୍ମକାର୍ଯ୍ୟରେ ରୁଚି, ସହକର୍ମୀ ସୌଜନ୍ୟତା, ରଚନାତ୍ମକ କାର୍ଯ୍ୟାରମ୍ଭ।

### ଧନୁ



ନୂତନ ଯୋଜନାରମ୍ଭ, ଭ୍ରମଣ ସୁଯୋଗ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡ଼ୋଶୀଙ୍କ ପ୍ରତିବାଦ, ପାରିବାରିକ ବିବାଦ, ପ୍ରାପ୍ୟଧନରେ ବାଧା, ବାଣିଜ୍ୟରେ ଉନ୍ନତି, ବକେୟା ପାଇବେନି, ଦୂରଯାତ୍ରାରେ ସଫଳତା।

### ମକର



କର୍ମକ୍ଷେତ୍ରରେ ପ୍ରଶଂସା, ସମ୍ପର୍କରେ ଉନ୍ନତି, ରୋଗପୀଡ଼ା ହ୍ରାସ, ଆନୁଷ୍ଠାନିକ ନେତୃତ୍ୱ ସମସ୍ୟା ସମାଧାନ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଯାନ୍ତ୍ରିକ ଜିନିଷ କ୍ରୟ, ଯାତ୍ରାରେ ବିଘ୍ନ, ଗବେଷଣାରେ ଅଗ୍ରଗତି, ଜମିଜମା ରେଜିଷ୍ଟ୍ରେଶନ।

### କୁମ୍ଭ



ମାନସିକ ଶାନ୍ତି, ସାମାଜିକ ପ୍ରଶଂସା, ନୂତନ ଦାୟିତ୍ୱ ନେବେ, ଟେନ୍‌ସନ କମିଯିବ, ଅନିଦ୍ରାଜନିତ ପୀଡ଼ା। ପରୋକ୍ଷ ସମାଲୋଚନା, ଧର୍ମକାର୍ଯ୍ୟରେ ତତ୍ପରତା, ସମ୍ପର୍କରେ ଉନ୍ନତି, କଚେରି ମାମଲା, ଆର୍ଥିକ ଅଭିବୃଦ୍ଧି।


### ମୀନ



ସ୍ଥଗିତ କର୍ମାରମ୍ଭ, ଅଧସ୍ତନଙ୍କ ଅନୁରକ୍ତି, ଗୃହସଜ୍ଜାରେ ଆଗ୍ରହ, ନୂତନ ସମ୍ପର୍କ ଯୋଡ଼ିବେ, ବ୍ୟବସାୟିକ ଉନ୍ନତି, କଳା ସଂସ୍କୃତିରେ ବିବାଦ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଶ୍ରମଜନିତ ପୀଡ଼ା, ବନ୍ଧୁଙ୍କ ଅଣଦେଖା।

# ଭୋଜନ ପାଇଁ ବି ଅଛି ନିୟମ

**ଭୋଜନ କରିବା ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ଏହାଦ୍ୱାରା ଶରୀରକୁ ଶକ୍ତି ମିଳେ। କିନ୍ତୁ ବେଳେବେଳେ ଭୋଜନ କରିବା ସମୟରେ ଆମେ ଜାଣତରେ ହେଉ ଅବା ଅଜାଣତରେ ଏଭଳି କିଛି କାର୍ଯ୍ୟ କରିଥାଉ; ଯଦ୍ୱାରା ଅନ୍ନର ଅପମାନ ହୋଇଥାଏ। ଆସନ୍ତୁ ଜାଣିବା ଭୋଜନ ସହ ଜଡ଼ିତ ସେମିତି କିଛି ନିୟମ ସମ୍ପର୍କରେ...**



ପୂର୍ବ ଦିଗକୁ ମୁହଁ କରି ଭୋଜନ କଲେ ରୋଗ ଓ ମାନସିକ ଚାପ ଦୂର ହୁଏ। ମସ୍ତିଷ୍କକୁ ସ୍ଫୁର୍ତ୍ତି ମିଳିଥାଏ। ଖାଦ୍ୟ ଭଲଭାବେ ହଜମ ହୁଏ। ଯେଉଁମାନେ ଧନ, ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ କରିବାକୁ ଚାହାନ୍ତି ସେମାନେ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ଭଲ। କ୍ୟାରିୟର ସଚେତନ ଯୁବପିଢି ଓ ବିଦ୍ୟାର୍ଥୀ ମଧ୍ୟ ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇପାରେ। ପଶ୍ଚିମ ଦିଗକୁ ଲାଭର ଦିଗଭାବେ ବିବେଚନା କରାଯାଏ। ବ୍ୟବସାୟ, ଚାକିରି କରିଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଦକ୍ଷିଣ ଦିଗକୁ ମୁହଁ କରି ଭୋଜନ କଲେ କୌଣସି ହାନୀ ହୋଇ ନ ଥାଏ। ତେବେ ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନେ ଏହି ଦିଗରେ ଖାଇବା ଉଚିତ ନୁହେଁ। ଭୋଜନ କରିବାକୁ ଗୋଟେ ଥର ବସିଲେ ପେଟପୂରା ଖାଦ୍ୟ ଖାଇସାରିକି ହିଁ ଉଠିବା ଦରକାର।

# ପାଠକୀୟ

✻ ଗୁରୁ! ଯାହାଙ୍କ ତ୍ୟାଗ ଅନନ୍ୟ। ସେ ନିଜକୁ ଜାଳି ଜ୍ଞାନର ଆଲୋକ ଜଳାନ୍ତି। ସେଥିପାଇଁ ତ ଯୁଗେ ଯୁଗେ ଗୁରୁ ନମସ୍ୟା। ଆଜି ବି ଅନେକ ଗୁରୁ ଅଛନ୍ତି, ଯେଉଁମାନେ ନିଜ ଜୀବନକୁ ସମର୍ପି ଦେଇଛନ୍ତି ଶିକ୍ଷା ପାଇଁ। ସେମିତି କେତେଜଣ ମହାନ୍ ଗୁରୁଙ୍କ ସଂଘର୍ଷପୂର୍ଣ୍ଣ ଜିବନୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ନମାମୀ ଗୁରୁ' ଆଲେଖ୍ୟଟି ଅତି ଚମତ୍କାର ଥିଲା। 'ସବୁବେଳେ ବିଘ୍ନର ବିନାଶକ' ଓ 'ନମସ୍କାରର ମାହାତ୍ମ୍ୟ' ଆଦି ପାଠଗୁଡ଼ିକ ବି ଖୁବ୍ ଶିକ୍ଷଣୀୟ ହୋଇପାରିଥିଲା। *–ତନୁଜା ସାହୁ, ଭବାନୀପାଟଣା*

✻କୁହାଯାଏ ଜ୍ଞାନଠୁ ବଡ଼ ଦାନ ନାହିଁ। ଆଉ ଗୁରୁଙ୍କଠୁ ବଡ଼ କେହି ଦାନୀ ନାହିଁ। ସେ ହେଉଛନ୍ତି ଏକ ପଥ ଯେ ନିଜେ ସ୍ଥିର ରହି ଅନ୍ୟକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାନ୍ତି। ଆଜି ବି ଅନେକ ଗୁରୁ ଅଛନ୍ତି, ଯେଉଁମାନେ ନିଜ ଜୀବନକୁ ସମର୍ପି ଦେଇଛନ୍ତି ଶିକ୍ଷା ପାଇଁ। ଆଉ ଅର୍ଥ ଲାଳସା ନ ରଖି ଗଢୁଛନ୍ତି ଉତ୍ତମ ଛାତ୍ର ଏକ ଉତ୍ତମ ସମାଜ ଗଢିବା ପାଇଁ। ସେମିତି କେତେଜଣ ପ୍ରେରଣାଦାୟୀ ଗୁରୁଙ୍କ ସମ୍ପର୍କରେ ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ଭାରତରେ ଥିବା କିଛି ଲୋକପ୍ରିୟ ଗଣେଶ ମନ୍ଦିର ସମ୍ପର୍କରେ ମଧ୍ୟ ଏଥରର ଛୁଟିଦିନରୁ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ନନ୍ଦ ମାଷ୍ଟ୍ରେଙ୍କ ଚାଟଶାଳୀ ବିଷୟରେ ବହୁ ସୁନ୍ଦର ସୁନ୍ଦର କଥା ଜାଣିବାକୁ ମିଳିଲା। *–ରାହାସ ବିହାରୀ ମହାନ୍ତି, ସୁନ୍ଦରଗଡ଼*


✻ସୃଜନ ପୃଷ୍ଠାରେ ସ୍ଥାନିତ 'ଶିକ୍ଷକଙ୍କ ମୁଣି' ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଫେରିବା ଦିନ', 'ପରିଚୟ', 'ତୁମ ଭାବନାରେ' ଆଦି କବିତାଗୁଡ଼ିକ ବି ବେଶ୍ ମନଛୁଆଁ ଲାଗୁଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଇମୋଶନାଲ ଦୀପିକା', 'ଅକ୍ଷୟଙ୍କ ସଜବାଜ', 'ଆକ୍ସନ ପାଇଁ ଟେନସନ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଧ୍ୟ ବେଶ୍ ଉଚ୍ଚକୋଟୀର ଲାଗୁଥିଲା। କଣ୍ଠଶିଳ୍ପୀ ସଞ୍ଜିତା ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ଖୁବ୍ ପ୍ରେରଣାଦାୟୀ ଥିଲା। *–ସଞ୍ଜୟ ମିଶ୍ର, ଝାରପଡ଼ା, ଭୁବନେଶ୍ୱର*

✻'ଶିକ୍ଷକଙ୍କ କୃଷି ସଂଗ୍ରହାଳୟ' ପାଠଟି ସତରେ ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। ମଡେଲ୍ ମିରର୍‌ରେ ବି.ଏମ୍.ବୈଶାଳୀ ଖୁବ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ବହୁତ ମଜାଳିଆ ହୋଇପାରିଥିଲା। 'ଆସ୍ଥାର ଠାକୁର ଗଣପତିପୁଲେ' ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ଅନେକ ଅଜଣା କଥା ଜାଣିହେଲା। *–ରଶ୍ମିତା ଦାଶ, କେନ୍ଦୁଝର*

✻ବିବିଧା ପୃଷ୍ଠାରେ ସ୍ଥାନିତ 'ସାଇକେଲ୍‌ରେ ବୁଲି ବୁଲି ପଢାନ୍ତି' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପତ୍ରରେ କାରିଗରି', 'ପାଦ ଦୁର୍ଗନ୍ଧରେ ବେହୋସ୍ ହୁଏ ରୋବୋ ଡଗ୍' ତଥା 'ମ୍ୟୁଜିକାଲ୍ ମୋଟର ସାଇକେଲ୍' ଆଦି ପାଠଗୁଡ଼ିକ ବି ଖୁବ୍ ଆଶ୍ଚର୍ଯ୍ୟକର ଥିଲା। ଏଥିରୁ ଅନେକ ନୂଆ ନୂଆ କଥା ମଧ୍ୟ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–ସ୍ମୃତିରେଖା ସାମଲ, ମୟୂରଭଞ୍ଜ*

## ବିଶେଷ ଚିଠି



ଧରିତ୍ରୀର ତୁମେ ପ୍ରତିଭା,
ପ୍ରତି ରବିବାରେ ହୁଅ ଉଭା।
ପ୍ରଚ୍ଛଦ ତୁମର ଅତି ଚମତ୍କାର,
କେତେ କଥା ଜଣାଏ ଦେଶ ଦୁନିଆର।
ସାଥୀର ଉତ୍ତର ବି କରେ କିମିଆ,
ମନରେ ଜଳାଏ କୁହୁକ ନିଆଁ।
ପୁଣି ସୁନ୍ଦର ଲାଗେ ତୁମ ବ୍ୟାକ୍‌ପେଜ୍ ଓ ବିବିଧା
ମନରେ ଭରିଦିଏ ଅନେକ ଶ୍ରଦ୍ଧା।
କରନ୍ତୁ ପ୍ରଭୁ ତୁମ ପ୍ରତି କରୁଣା
ଏମିତି ଆସୁଥାଅ ତୁମେ ହୋଇ ସର୍ବଗୁଣା।

***–ଅଶୋକ ରାଉତ, ବଲାଙ୍ଗୀର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଛତାର କଥା

ଛତା! ସେ ରୋକି ନ ପାରେ ବର୍ଷା, କିନ୍ତୁ ଭିଜିବାକୁ ବି ଦିଏନା। ସେ କମ୍ ନ କରି ପାରେ ସୂର୍ଯ୍ୟର ଉତ୍ତାପ ହେଲେ ପ୍ରଦାନ କରେ ଛାୟା ଓ ଦିଏ କିଛିଟା ଶୀତଳତା। ସେଇଥିପାଇଁ ତ କାହିଁ କେଉଁ କାଳରୁ ଛତା ସାଜିଛି ମଣିଷର ଖରାବର୍ଷାର ସାଥୀ। ଖାଲି ସେତିକି ନୁହେଁ ଏଇ ଛତା କେବେ ସାଜିଛି ପ୍ରତିପତି ଓ ପ୍ରେମର ପ୍ରତୀକ ତ ଆଉ କେବେ ପୁଣି ହତିଆର। ଏଇ ଛତାର ଅନେକ କଥାକୁ ନେଇ ଏଥରର ପ୍ରଚ୍ଛଦ...

ଛତା, ଛତ୍ରୀ ବା ପାରାସୋଲ। ଇଂଲିଶରେ ଏହାକୁ ଅମ୍ବ୍ରେଲା କୁହାଯାଏ। ଏହି ଅମ୍ବ୍ରେଲା ଶବ୍ଦଟି ଲାଟିନ୍ ଶବ୍ଦ 'ଅମ୍ବ୍ରା'ରୁ ଆନୀତ। ଯାହାର ଅର୍ଥ ହେଉଛି ଛାୟା ପ୍ରଦାନ କରିବା। ଛତାର ଉଦ୍ଭାବନ କେବେ, କେଉଁଠି ହୋଇଥିଲା ତା'ର ସଠିକ୍ ତଥ୍ୟ ନାହିଁ। ହେଲେ ବୈଜ୍ଞାନିକମାନେ କହନ୍ତି ଯେ, ମାନବ ସମାଜ ସୃଷ୍ଟି ହେବାପରଠାରୁ ଏହାର ବ୍ୟବହାର ହୋଇଆସୁଛି। ପ୍ରଥମେ ପ୍ରାକୃତିକ ଉପାଦାନ ଯେମିତିକି ବଡ଼ବଡ଼ ପତ୍ରକୁ ଛତାଭାବେ ବ୍ୟବହାର କରାଯାଉଥିଲା। ତେବେ ପ୍ରଥମ ଛତା ୩୦୦୦ ବର୍ଷ ପୂର୍ବେ ଇଜିପ୍ଟ ଓ ଅସିରିୟାରେ ବ୍ୟବହାର ହୋଇଥିବାର ପ୍ରମାଣ ମିଳିଛି। ଇଜିପ୍ଟର ଛତାକୁ କାଠର ଢାଞ୍ଚାରେ ତିଆରି କରାଯାଉଥିବାବେଳେ ଖରା ବର୍ଷାରୁ ସୁରକ୍ଷା ଦେଉଥିବା ବକ୍ରାକାର ବା ଅର୍ଦ୍ଧ ଗୋଲାକାର ଅଂଶ ତାଳପତ୍ରରେ ତିଆରି କରାଯାଉଥିଲା। ପ୍ରଥମେ ଏହାକୁ ରାଜା, ମହାରାଜା, ରାଣୀ, ଧର୍ମଯାଜକ ବ୍ୟବହାର କରୁଥିଲେ। ଏହାକୁ ସମ୍ପତ୍ତି ଓ ପ୍ରତିପତିର ପ୍ରତୀକଭାବେ ଗଣନା କରାଯାଉଥିଲା। ସେତେବେଳେ ଛତାକୁ କେବଳ ମହିଳାମାନେ ବ୍ୟବହାର କରୁଥିଲେ। ଯେଉଁ ମହିଳାଙ୍କ ଚର୍ମ ଛତାର ଛାଇ ତଳେ ରହି ଶେତା ପଡ଼ିଯାଉଥିଲା ତାଙ୍କୁ ଧନିକ ଓ ସମ୍ଭ୍ରାନ୍ତଭାବେ ଗଣନା କରାଯାଉଥିଲା। ଆଉ ଯଦି କୌଣସି ସେବକ ମାଲିକାଣୀଙ୍କ ପାଇଁ ଛତା ମୁଣ୍ଡାଇ ଧରୁଥିଲେ ତେବେ ତାହା ଅତି ସମ୍ମାନଜନକ ବୋଲି ବିବେଚନା କରାଯାଉଥିଲା। ତେବେ ଛତାକୁ ଏକ ଚାପ(ଆର୍କ) ଆକାରରେ ନିର୍ମାଣ କରିବା ପଛରେ ଏକ କିମ୍ବଦନ୍ତୀ ଅଛି। ଇଜିପ୍ଟବାସୀଙ୍କ ବିଶ୍ୱାସ ଅନୁସାରେ ନଟ୍ ହେଉଛନ୍ତି ସେମାନଙ୍କର 'ଗଡେସ୍ ଅଫ୍ ଦ ସ୍କାଏ' ବା 'ଆକାଶ ଦେବୀ'। ନଟ୍ ଦେବୀଙ୍କ ଦିବ୍ୟ ଶରୀର ହେଉଛି ଆକାଶ। ସେ ପୃଥିବୀ ଦେବତା ଗେବ୍‌ଙ୍କୁ ନିଜ ଶରୀରକୁ ଧନୁ ପରି ବକ୍ରାକାର କରି ଘୋଡାଇ ରଖିଛନ୍ତି। ଆଉ ତାଙ୍କର କେବଳ ପାଦର ଅଙ୍ଗୁଳି ଏବଂ ହାତର ଅଙ୍ଗୁଳି ପୃଥିବୀକୁ ସ୍ପର୍ଶ କରୁଛି, ଯଦ୍ୱାରା ତାଙ୍କ ଶରୀରକୁ ବହୁତ କଷ୍ଟ ହୁଏ। ଇଜିପ୍ଟବାସୀଙ୍କ ବିଶ୍ୱାସ ଥିଲା ଯେ, ଦେବୀଙ୍କ ଶରୀରର କଷ୍ଟ ଲାଘବ କରିବା ପାଇଁ ଛତାକୁ ଚାପାକୃତିରେ କରାଯାଇଛି। ଯେପରିକି ଦେବୀଙ୍କ ଶରୀର ଭଲ ଭାବରେ ଏହା ଉପରେ ଆଶ୍ରୟ ନେଇପାରିବ। ତେବେ ଇଜିପ୍ଟରେ ପ୍ରଥମେ ଛତାର ବ୍ୟବହାର ହୋଇଥିଲେ ହେଁ ଚାଇନାକୁ ଆଧୁନିକ ଛତାର ଜନକ ବୋଲି ସ୍ୱୀକାର କରାଯାଏ। ଅନେକ ଥାକ ଥିବା ଛତା ବା ମଲ୍ଟି ଟାୟର୍ଡ ଛତା ପ୍ରଭାବଶାଳୀ ଲୋକ ବ୍ୟବହାର କରୁଥିଲେ। ଚାଇନା ସମ୍ରାଟଙ୍କ ପାଇଁ ୪ ଥାକ ବିଶିଷ୍ଟ ବଡ଼ ଛତା ବ୍ୟବହାର କରାଯାଉଥିଲା। ଏହି ପ୍ରଥା ପ୍ରସାରିତ ହୋଇ ସିଆମ ଓ ବର୍ମାରେ ବି ଛତା ୮ରୁ ୨୪ ଥାକ ବିଶିଷ୍ଟ ବ୍ୟବହାର ହେଉଥିଲା।

**ଭାରତୀୟ ପୌରାଣିକ କଥାରେ ଛତା:** ମହାଭାରତରେ ଛତାକୁ ନେଇ ଏକ ରୋଚକ କଥା ରହିଛି। ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ବାପା ଜମଦଗ୍ନି ସପ୍ତଋଷୀ ମଧ୍ୟରେ ଜଣେ ଥିଲେ। ତା'ସହ ସେ ଜଣେ ମହାନ୍ ଧନୁର୍ଦ୍ଧର ବି ଥିଲେ। ସେ ଯେବେବି ଧନୁରୁ ତୀର ନିକ୍ଷେପ କରୁଥିଲେ ତାଙ୍କ ପତ୍ନୀ ରେଣୁକା ତାକୁ ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଆଣି ସ୍ୱାମୀଙ୍କୁ ପ୍ରଦାନ କରୁଥିଲେ। କିନ୍ତୁ ଦିନକର କଥା ଜମଦାଗ୍ନିଙ୍କ ତୀରକୁ ଆଣିବା ପାଇଁ ରେଣୁକାଙ୍କୁ ପୂରା ଦିନ ଲାଗିଯାଇଥିଲା। ଆଉ ସେ ତୀର ଧରି ଆସିବା ପରେ ସ୍ୱାମୀଙ୍କୁ ତାଙ୍କ ବିଳମ୍ବର କାରଣ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ର ତାପ ବୋଲି କହିଥିଲେ। ଜମଦାଗ୍ନୀ ଏହା ଶୁଣି ରାଗିଯାଇ ଏକ ତୀର ସୂର୍ଯ୍ୟଙ୍କୁ ନିକ୍ଷେପ କରିଥିଲେ। ସୂର୍ଯ୍ୟ ଏଥିରେ ଭୟଭୀତ ହୋଇ ଭୁଲ ମାଗିବା ସହ ସୂର୍ଯ୍ୟ କିରଣରୁ ରକ୍ଷା ପାଇବା ପାଇଁ ତାଙ୍କୁ ଛତା ଓ ଚନ୍ଦନ ପ୍ରଦାନ କରିଥିଲେ ବୋଲି ପ୍ରବାଦ ରହିଛି।

ତେବେ ଐତିହାସିକ ତଥ୍ୟ କହେ, ଭାରତରେ ଖ୍ରୀ.ପୂ. ୧୧୦୦ରେ ଛତା ବ୍ୟବହାର ହେଉଥିବା ପ୍ରମାଣ ରହିଛି। ସେତେବେଳେ ବଡ଼ବଡ଼ ଛତା ରାଜା ଓ ମହାରାଜାଙ୍କ ପାଇଁ ବ୍ୟବହାର କରାଯାଉଥିଲା। ଛତାକୁ ମୁଣ୍ଡେଇ ଧରିବା ପାଇଁ ସ୍ୱତନ୍ତ୍ର ସେବକଙ୍କୁ ନିଯୁକ୍ତି ବି ଦିଆଯାଉଥିଲା।

**ଗ୍ରୀକ୍, ରୋମ୍ ସଭ୍ୟତାରେ ଛତା:** ଖ୍ରୀ.ପୂ. ୫୦୦ ବେଳକୁ ଗ୍ରୀସ୍‌ରେ ଛତା ବ୍ୟବହାର ହେଉଥିବା ବିଶ୍ୱାସ କରାଯାଏ। ପ୍ରଥମେ ଏହାକୁ କେବଳ ମହିଳାମାନେ ବ୍ୟବହାର କରୁଥିଲେ। ଛତା ଥିଲା ମହିଳାଙ୍କର ଦାମୀ ଫ୍ୟାଶନ୍ ସାମଗ୍ରୀ। ପୁରାତନ ଗ୍ରୀସ୍ ସଭ୍ୟତାରେ ବିଭିନ୍ନ ପର୍ବପର୍ବାଣି ଏବଂ ଉତ୍ସବମାନଙ୍କରେ ଏକ ଚିକ୍‌ମିକ୍ ରଙ୍ଗ ବହନ କରୁଥିବା ଛତା ବ୍ୟବହାର କରାଯାଉଥିଲା। ଏତଦ୍‌ବ୍ୟତୀତ ଫସଲ ଅମଳର ଦେବୀ ଡିମିଟର ଏବଂ ପରନସଫୋନଙ୍କୁ କୃତଜ୍ଞତା ବା ପ୍ରାର୍ଥନା କଲାବେଳେ ଗ୍ରୀସ୍‌ବାସୀ ଏକ ଧଳାରଙ୍ଗର ଛତା ବ୍ୟବହାର କରୁଥିଲେ ବୋଲି ଇତିହାସରୁ ଜଣାପଡେ। ରୋମ୍‌ରେ ବି ଛତାକୁ ପ୍ରାୟ ମହିଳାମାନେ ହିଁ ବ୍ୟବହାର କରୁଥିଲେ। ଆଧୁନିକ ଛତାର ଡିଜାଇନ୍ ସହ ପୁରାତନ ଗ୍ରୀସ୍ ଓ ରୋମ୍‌ରେ ବ୍ୟବହାର ହେଉଥିବା ଛତାର ରହିଛି ଅନେକ ସାମଞ୍ଜସ୍ୟ।

**ୟୁରୋପରେ ଛତା:** ବିଶ୍ୱାସ କରାଯାଏ ଯେ, ସପ୍ତାଦଶ ଶତାବ୍ଦୀରେ ଇଂଲଣ୍ଡର ବିଶିଷ୍ଟ ଲେଖକ, ଭ୍ରମଣକାରୀ ଏବଂ ଚାଇନାର ଧର୍ମଯାଜକ, ଉଚ୍ଚପଦସ୍ଥ ଅଧିକାରୀଙ୍କ ମଧ୍ୟରେ ଉପହାର ଆଦାନପ୍ରଦାନ ମାଧ୍ୟମରେ

→





ଛତା ଇଂଲଣ୍ଡକୁ ଆସିଥିଲା । ପ୍ୟାରିସ୍‌ରେ ଛତା ଅଷ୍ଟାଦଶ ଶତାବ୍ଦୀ ବେଳକୁ ଲୋକପ୍ରିୟ ହୋଇଯାଇଥିଲା ।

**ଛତା ବ୍ୟବହାର କରିଥିବା ପ୍ରଥମ ପୁରୁଷ :** ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଛତାକୁ ମହିଳାଙ୍କ ଫ୍ୟାଶନ ଆସେସରିଭାବେ ବ୍ୟବହାର କରାଯାଉଥିଲା । ଆଉ ୧୭୦୫ ପର୍ଯ୍ୟନ୍ତ କେବଳ ମହିଳାମାନେ ହିଁ ଛତା ଧରୁଥିଲେ । ପୁରୁଷମାନେ ଏହାକୁ ଆଦୌ ବ୍ୟବହାର କରୁ ନ ଥିଲେ । ତେବେ ଲଣ୍ଡନର ଫିଲାନ୍ଥ୍ରୋପିଷ୍ଟ ଜୋନାସ୍ ହାନ୍‌ୱେ ହେଉଛନ୍ତି ପ୍ରଥମ ପୁରୁଷ ଯିଏକି ଛତା ବ୍ୟବହାର କରିଥିଲେ । ସେଥିପାଇଁ ଲୋକେ ତାଙ୍କୁ ବହୁତ ତାଚ୍ଛଲ୍ୟ କରିଥିଲେ । ତଥାପି ସେ କାହାକୁ ଖାତିର୍ ନ କରି ଛତା ବ୍ୟବହାର କଲେ । ଧୀରେ ଧୀରେ ତାଙ୍କ ପ୍ରଭାବରେ ଲଣ୍ଡନର ଆହୁରି ଅନେକ ପୁରୁଷ ଛତା ବ୍ୟବହାର କରିବାକୁ ଲାଗିଲେ । ଆଉ ସମୟକ୍ରମେ ଛତା ସମସ୍ତଙ୍କର ଏକ ଆବଶ୍ୟକୀୟ ସାମଗ୍ରୀ ପାଲଟିଗଲା ।

**ଛତାର କ୍ରମ ବିକାଶ:** ପ୍ରଥମ ଷ୍ଟିଲ ରିବ୍ ଥିବା ଛତା ୧୮୫୨ରେ ସାମୁଏଲ୍ ଫକ୍ସ ଓ ପ୍ରଥମ ୱାର୍କିଂ ଫୋଲ୍ଡିଂ ଛତା ୧୯୬୯ରେ ବ୍ରାଡଫର୍ଡ ଫିଲିପ୍ସ ତିଆରି କରିଥିଲେ । ଆଫ୍ରିକା, ଇଜିପ୍ଟ, ଆସିରିୟାରେ ଜଳବାୟୁ ମରୁଭୂମି ପରି ଥିବାରୁ ସେମାନେ କେବେ ୱାଟରପ୍ରୁଫ୍ ଛତାର ଆବଶ୍ୟକତା ଅନୁଭବ କରି ନ ଥିଲେ । ଆଉ ପ୍ରଥମ ୱାଟରପ୍ରୁଫ ଛତା ପୁରାତନ ଚାଇନାରେ ୩୦୦୦ ବର୍ଷ ପୂର୍ବେ ଖ୍ରୀ.ପୂ. ଏକାଦଶ ଶତାବ୍ଦୀରେ ତିଆରି ହୋଇଥିଲା ।




**ବୌଦ୍ଧଧର୍ମ ଓ ମହିମା ଧର୍ମରେ ଛତା:** ଆଧାତ୍ମିକ ପୁସ୍ତକକାର **ଶ୍ରୀ ସନ୍ନ୍ୟାସୀ** କହନ୍ତି, 'ପରମ୍ପରାରେ ବି ଛତାର ଏକ ସମୃଦ୍ଧି ସ୍ଥାନଟିଏ ଅଛି । ବୌଦ୍ଧଧର୍ମରେ ଯେଉଁ ଆଠୋଟି ଚିହ୍ନକୁ ପବିତ୍ର ବୋଲି ମନେ କରାଯାଏ ତନ୍ମଧ୍ୟରେ ଛତାକୁ ମଧ୍ୟ ସାମିଲ କରାଯାଇଛି । ଏଠାରେ ଏହି ସାଙ୍କେତିକ ଚିହ୍ନର ଅର୍ଥ ହେଉଛି ସମସ୍ତ ପ୍ରକାରର ଯନ୍ତ୍ରଣାରୁ ମଣିଷକୁ ସୁରକ୍ଷା ପ୍ରଦାନ କରିବା । ଗୌତମ ବୁଦ୍ଧଙ୍କ ଜନ୍ମ ସମୟକୁ ଅବଲୋକନ କଲେ ତାଙ୍କ ଜନ୍ମବେଳେ ସ୍ୱୟଂ ପ୍ରଜାପତି ଏକ ଶୁଭ୍ର ଛତ୍ରୀ ଧରିଥିଲେ ବୋଲି ଲୋକକଥା ରହିଛି ।' ସେହିଭଳି ମହିମା ଧର୍ମାବଲମ୍ବୀ ସାଧୁ ସନ୍ନ୍ୟାସୀଙ୍କର ଅନ୍ୟ ଏକ ପ୍ରଧାନ ବ୍ୟବହାର୍ଯ୍ୟ ବସ୍ତୁ ହେଉଛି ତାଳପତ୍ର ଛତା । ଏହା ତାଙ୍କୁ ରୌଦ୍ରତାପରୁ ରକ୍ଷା କରେ ।

**ଠାକୁରଙ୍କ ଛତା, 'ଛତ୍ରୀ':** ଦେଉଳ ବା ମନ୍ଦିରରେ ସ୍ଥାପିତ ବିଗ୍ରହଙ୍କ ଠିକ୍ ଉପରେ ଛତା ଥାଏ । ଭକ୍ତିଭାବରେ ସମର୍ପିତ ଏହି ଛତା ଏଠାରେ ଛତ୍ରୀର ରୂପ ଧାରଣ କରେ ବୋଲି ଶ୍ରୀ ସନ୍ନ୍ୟାସୀ କୁହନ୍ତି ।

**ବିବାହ, ବ୍ରତଘରେ ଛତା:** ବ୍ରତରେ ବ୍ରହ୍ମଚାରୀ ସାଜିଥିବା ବ୍ରାହ୍ମଣ ବାଳକ ତାଳପତ୍ରରେ ତିଆରି ଛତା ଧରି ଭିକ୍ଷା ମାଗନ୍ତି । ବ୍ରତଘର ଛତା ବିବାହରେ ବ୍ରାଇଁ ବରଣ ସମୟରେ ବି ଛତାର ଆବଶ୍ୟକତା ପଡିଥାଏ । କାରଣ ବରଟି ସେତେବେଳେ ଦେବ ପୁରୁଷ ।

**ରାଜା ମହାରାଜାଙ୍କ ଛତା:** ରାଜା ମହାରାଜାଙ୍କ ରଥ ବା ହାତୀ ଉପରେ ସ୍ୱତନ୍ତ୍ର ପ୍ରକାରର ଛତା ଥାଏ । ଏହାର ନାମ ହେଉଛି ପାଟଛତା । ଏହା ରାଜା ମହାରାଜାଙ୍କ ପ୍ରତିପତ୍ତିକୁ ଦର୍ଶାଉଥିଲା ।

**କୃଷକର ସାଥୀ:** ଖରା, ବର୍ଷାରେ କୃଷକକୁ ସୁରକ୍ଷା ଦେଇଥାଏ ତାଳପତ୍ରରେ ତିଆରି ଏକପ୍ରକାରର ଛତା, ଯାହା ଖମ୍ପି ନାମରେ ବେଶ୍ ପରିଚିତ । ଏହାବାଦ୍ ସାଧାରଣ ଛତା ବି କୃଷକ ବ୍ୟବହାର କରିଥାନ୍ତି ।







**ଓଡିଶାର ପିପିଲି ଚାନ୍ଦୁଆ ଛତା:** ପିପିଲିର କାରୁକାର୍ଯ୍ୟ ଭରା ରଙ୍ଗିନ ଚାନ୍ଦୁଆ ଛତା ସାରା ଭାରତରେ ଏମିତିକି ଦେଶ ବିଦେଶରେ ବି ବେଶ୍ ପ୍ରସିଦ୍ଧ ।

**ପ୍ରେମ, ବର୍ଷା ଓ ଛତା:** ରିମ୍ ଝିମ୍ ବର୍ଷାରେ ଦୁଇ ପ୍ରେମୀ ଏକାଠି ଗୋଟିଏ ଛତା ତଳେ ବର୍ଷାର ଛିଟାରେ ଅଧାଅଧା ଭିଜି ଯିବାର ଦୃଶ୍ୟ ବେଶ୍ ରୋମାଣ୍ଟିକ୍ ଲାଗେ । ସେଥିପାଇଁ ତ ଅନେକ ଚଳଚ୍ଚିତ୍ରରେ ଏଇ ରୋମାଣ୍ଟିକ୍ ମୁହୂର୍ତ୍ତକୁ ଗୁରୁତ୍ୱ ଦିଆଯାଇଛି । ପ୍ୟାର୍ ହୁଆ ଇକରାର୍ ହୁଆ ହୈ...ଏକ ଏଭର୍ ଗ୍ରୀନ୍ ରୋମାଣ୍ଟିକ୍ ଗୀତ । ବର୍ଷା ଭିଜା ରାତିରେ ଗୋଟିଏ ଛତା ତଳେ ରାଜ କପୁର ଓ ନର୍ଗିସ୍ । କି ଚମତ୍କାର ! ଆଜି ପର୍ଯ୍ୟନ୍ତ ଶ୍ରୀ ୪୨୦ ଚଳଚ୍ଚିତ୍ରର ଏହି ରୋମାଣ୍ଟିକ୍ ଗୀତ ସମସ୍ତଙ୍କ ହୃଦୟରେ ଘର କରି ରହିଛି । ସେହିଭଳି 'ଚାଲବାଜ୍' ଚଳଚ୍ଚିତ୍ରର 'ନା ଜାନେ କହାଁ ସେ ଆୟି ହୈ...'ଗୀତଟି ହୋଇଥିଲା ସୁପରହିଟ୍ । ଗୀତଟିର ଆରମ୍ଭ ଶ୍ରୀଦେବୀ ଓ ଛତାରୁ ହୋଇ ଶେଷ ପର୍ଯ୍ୟନ୍ତ ଛତାର ଥିଲା ସମାନ ସ୍କ୍ରିନ୍ ପ୍ରେଜେନ୍ସ । ୩ ଇଡିଅଟ୍‌ସ ଚଳଚ୍ଚିତ୍ରର 'ଜୁବି ଡୁବି..', ବଡିଗାର୍ଡ ଚଳଚ୍ଚିତ୍ରର ତେରୀ ମେରୀ ପ୍ରେମ କହାନୀ.., ଭଳି ଅନେକ ଗୀତରେ ବର୍ଷା, ଛତା ଓ ରୋମାନ୍ସର ଦୃଶ୍ୟ ଚିତ୍ରାୟନ କରାଯାଇଛି ।

**ସବୁଠୁ ପୁରୁଣା ଛତା ଦୋକାନ:** ମୁମ୍ବାଇ ପ୍ରିନ୍ସ ଷ୍ଟ୍ରିଟ୍‌ରେ ଅଛି ଭାରତର ସବୁଠୁ ପୁରୁଣା ଛତା ଦୋକାନ । ତା'ର ନାମ ହେଉଛି 'ଇବ୍ରାହିମ କୁରିମ୍ ଆଣ୍ଡ ସନ୍ସ' । ୧୮୬୦ ମସିହାରେ ଇବ୍ରାହିମ କୁରିମ୍ ପ୍ରଥମେ ଏକ ଛୋଟିଆ ଛତା ଦୋକାନ ବଜାର ଗେଟ୍ ଷ୍ଟ୍ରିଟ୍‌ରେ ଖୋଲିଥିଲେ । ଏହାର ବହୁ ବର୍ଷ ପରେ ଦୋକାନକୁ ପ୍ରିନ୍ସ ଷ୍ଟ୍ରିଟ୍‌କୁ ସ୍ଥାନାନ୍ତର କରିଥିଲେ । ୧୬୧ ବର୍ଷ ପୁରୁଣା ପ୍ରିନ୍ସ ଷ୍ଟ୍ରିଟ୍‌ରେ ଥିବା ଏଇ ଦୋକାନରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଛତା ମିଳୁଛି । ବଜାରରେ ବିଭିନ୍ନ ପ୍ରକାରର ଚାଇନା ଛତା ଉପଲବ୍ଧ ହେଉଥିଲେ ହେଁ ଆଜି ବି ଇବ୍ରାହିମ୍‌ଙ୍କ ଛତାର ଚାହିଦା କମିନି ।

**ଅମ୍ବ୍ରେଲା ଷ୍ଟ୍ରିଟ୍:** ଆଜିକାଲି ଛତାକୁ ବିଭିନ୍ନ ପ୍ରକାରର ସାଜସଜ୍ଜା ପାଇଁ ମଧ୍ୟ ବ୍ୟବହାର କରାଯାଉଛି । ଏମିତିକି ପୃଥିବୀର କିଛି ସ୍ଥାନର ଷ୍ଟ୍ରିଟ୍ ବା ଗଳିକୁ ଛତାରେ ସଜାଯାଇଛି, ଯାହାକି 'ଅମ୍ବ୍ରେଲା ଷ୍ଟ୍ରିଟ୍' ଭାବେ ପରିଚିତ । ପର୍ତ୍ତୁଗିଜ୍‌ର କଳାକାର ପାଟ୍ରିସିଆ କୁନ୍ହା ଅମ୍ବ୍ରେଲା ସ୍କାଏ ପ୍ରୋଜେକ୍ଟରେ ପୃଥିବୀର ବିଭିନ୍ନ ସ୍ଥାନରେ ଅମ୍ବ୍ରେଲା ଷ୍ଟ୍ରିଟ୍ ତିଆରି କରିଛନ୍ତି । ଯେମିତିକି ପର୍ତ୍ତୁଗାଲର ଆଗୁଏଡା, ମରିସସ୍‌ର ପୋର୍ଟ ଲୁଇସ୍, ଫ୍ରାନ୍ସର ପ୍ୟାରିସ୍, ଗ୍ରୀସ୍‌ର ସାଇରସ୍, ତୁର୍କୀର ଇସ୍ତାନବୁଲ, ୟୁଏଇର ଦୁବାଇ ଆଦି ।

**ଅମ୍ବ୍ରେଲା ମୁଭମେଣ୍ଟ:** ୨୦୧୪, ସେପ୍ଟେମ୍ବର ୨୬ ହଂକଂରେ ଆରମ୍ଭ ହୋଇଥିଲା ଅମ୍ବ୍ରେଲା ମୁଭମେଣ୍ଟ । ଏହା ଏକ ରାଜନୈତିକ ଆନ୍ଦୋଳନ ଥିଲା । ସ୍ୱଚ୍ଛ ନିର୍ବାଚନ ଦାବିରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ହଜାର ହଜାର ଆନ୍ଦୋଳନକାରୀଙ୍କ ଉପରେ ସେତେବେଳେ ପୋଲିସ୍ ପେପର୍ ସ୍ପ୍ରେ ବ୍ୟବହାର କରିଥିଲେ । ଆଉ ଆନ୍ଦୋଳନକାରୀମାନେ ଛତାକୁ ନିଜର ସୁରକ୍ଷା ଢାଲଭାବେ ବ୍ୟବହାର କରିଥିଲେ । ତେଣୁ ଏହି ଆନ୍ଦୋଳନ ସେତେବେଳେ 'ଅମ୍ବ୍ରେଲା ମୁଭମେଣ୍ଟ' ଭାବେ ପରିଚିତ ହୋଇଥିଲା । ୧୫ ଡିସେମ୍ବରରେ ଆନ୍ଦୋଳନ ଶେଷ ହୋଇଥିଲା ।

**ହତ୍ୟା ପାଇଁ ଅସ୍ତ୍ର ସାଜିଥିଲା ଛତା:** ୧୯୭୮ ମସିହାର କଥା । ଇଂଲଣ୍ଡର ଲଣ୍ଡନଠାରେ ବୁଲଗେରିଆର ସାମ୍ବାଦିକ ଜର୍ଜି ମାର୍କୋଭଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରାଯାଇଥିଲା ଏକ ପ୍ରକାରର ପଏଜନ୍ ଟିପ୍ଡ ଛତା । ଏହି ଛତାର ଅଗ୍ରଭାଗରେ ବିଷ ରହିଥିଲା, ଯାହାକୁ ବେଶ୍ ଚତୁରତାର ସହ ତାଙ୍କ ଶରୀରରେ ଆଘାତ ଦେଇ ପ୍ରବେଶ କରାଯାଇ ହତ୍ୟା କରାଯାଇଥିଲା । ଚଳଚ୍ଚିତ୍ରର କାହାଣୀ ପରି ଲାଗିଲେ ବି ଏହା ଏକ ସତ ଘଟଣା । ପରବର୍ତ୍ତୀ ସମୟରେ ଏହି ଛତାରେ ଆଉ ଜଣେ ବୁଲଗେରୀୟ ସାମ୍ବାଦିକଙ୍କୁ ମାରିବା ପାଇଁ ମଧ୍ୟ ଚେଷ୍ଟା କରାଯାଇଥିଲା । ହେଲେ ତାହା ସଫଳ ହୋଇ ନ ଥିଲା ।

ଛତା ସମ୍ବନ୍ଧୀୟ ଉପରୋକ୍ତ ରୋଚକ କଥାଗୁଡ଼ିକୁ ପଢିବା ପରେ ଜାଣି ପାରୁଥିବେ ସତରେ ଛତା ଆଦୌ ସାଧାରଣ ଜିନିଷଟିଏ ନୁହେଁ ବରଂ ଏ ବହୁତ ଖାସ୍ ।

–ଶିବାନୀ ମହାନ୍ତି

# ପେପ୍ଲମ୍ କୁର୍ତ୍ତା

**କୁର୍ତ୍ତା ଏକ କମ୍ଫଟେବଲ ଆଉଟ୍‌ଫିଟ୍। ଖାସ୍‌କରି ପେପ୍ଲମ୍ କୁର୍ତ୍ତା ହେଉଛି ସେମିତି ଏକ କୁର୍ତ୍ତା, ଯାହା ଧୋତି ପ୍ୟାଣ୍ଟ ହେଉ କିମ୍ବା ପ୍ଲାଜୋ ଅବା ୱାଇଡ୍-ଲେଗ୍ ପ୍ୟାଣ୍ଟ ଇତ୍ୟାଦି ସହ ପର୍‌ଫେକ୍ଟ ମ୍ୟାଚ୍ କରିଥାଏ। ସେହିପରି ଏ ଷ୍ଟାଇଲର କୁର୍ତ୍ତାକୁ କାଜୁଆଲ ଆଉଟିଂ ହେଉ ଅବା ପାର୍ଟି, ଫଙ୍କ୍‌ସନ କିମ୍ବା ଅଫିସ୍ ସବୁ କ୍ଷେତ୍ରରେ ପିନ୍ଧିହୁଏ। ସେମିତି କେତୋଟି ଷ୍ଟାଇଲିଶ୍ ଡିଜାଇନ୍‌ର ପେପ୍ଲମ୍ କୁର୍ତ୍ତା ସମ୍ପର୍କରେ...**













**ଏମ୍ବେଲିଶ୍ଡ ପେପ୍ଲମ୍ କୁର୍ତ୍ତା:** ଯଦି ଆପଣ କୌଣସି ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥାନ୍ତି, ତା'ହେଲେ ଏ ଷ୍ଟାଇଲର ପେପ୍ଲମ୍ କୁର୍ତ୍ତାକୁ ଟ୍ରାଏ କରିପାରିବେ। ଆପଣ ଚାହିଁଲେ ଏହା ସହିତ ଦୁପଟ୍ଟା ମଧ୍ୟ କ୍ୟାରି କରିପାରିବେ।

**ପୋଲ୍‌କା ଡଟ୍ ପେପ୍ଲମ୍ କୁର୍ତ୍ତା:** ପୋଲ୍‌କା ଡଟ୍ ଥିବା ଯେକୌଣସି ଆଉଟ୍‌ଫିଟ୍ ପିନ୍ଧିଲେ ଫ୍ୟାଶନେବଲ ଲୁକ୍ ମିଳିଥାଏ। ଖାସ୍‌କରି ପୋଲ୍‌କା ଡଟ୍ ପେପ୍ଲମ୍ କୁର୍ତ୍ତା ସିମ୍ପଲ ଲୁକ୍‌କୁ ବି ଷ୍ଟାଇଲିଶ୍ କରିଦିଏ। ସେହିପରି ପ୍ଲାଜୋ ସହିତ ଏ ଷ୍ଟାଇଲ୍‌ର କୁର୍ତ୍ତା ପର୍‌ଫେକ୍ଟ ମ୍ୟାଚ୍ କରିଥାଏ।

**ଫୁଲ୍ ସ୍ଲିଭସ୍ ପ୍ରିଣ୍ଟେଡ୍ ପେପ୍ଲମ୍ କୁର୍ତ୍ତା:** ଆପଣଙ୍କର ଯଦି କାଜୁଆଲ ଲୁକ୍ ପସନ୍ଦ ତା'ହେଲେ ଧୋତି ପ୍ୟାଣ୍ଟ ସହିତ ଫୁଲ୍ ସ୍ଲିଭସ୍ ଥିବା ପ୍ରିଣ୍ଟେଡ୍ ପେପ୍ଲମ୍ କୁର୍ତ୍ତା ଟ୍ରାଏ କରନ୍ତୁ। ଦେଖିବେ ବେଶ୍ ମାନିବ। ତା'ସାଙ୍ଗକୁ ଯଦି ଆପଣ ହିଲ୍ ପିନ୍ଧିବେ ଲୁକ୍ ଆହୁରି ଆକର୍ଷଣୀୟ ଲାଗିବ।

**ଏମ୍ବ୍ରୋଏଡ୍ ପେପ୍ଲମ୍ କୁର୍ତ୍ତା:** କ୍ଲାସି ଲୁକ୍ ପାଇଁ ଏହି ଷ୍ଟାଇଲ୍‌ର କୁର୍ତ୍ତାକୁ ଟ୍ରାଏ କରିପାରିବେ। ଖାସ୍ କରି ପ୍ରିଣ୍ଟେଡ୍ ଲଙ୍ଗ୍ ସ୍କର୍ଟ ସହ ଏହି କୁର୍ତ୍ତାକୁ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଆଉଟିଂରେ ଗଲାବେଳେ ଏହି ଷ୍ଟାଇଲ୍‌କୁ ଫଲୋ କଲେ ଖୁବ୍ ସୁନ୍ଦର ଦେଖାଯାଇଥାଏ।

**ବର୍ଡର ଥିବା ପେପ୍ଲମ୍ କୁର୍ତ୍ତା:** ବର୍ଡର ଥିବା କୁର୍ତ୍ତାର ଡିମାଣ୍ଡ ସବୁବେଳେ ରହିଆସିଛି। ବିଶେଷକରି ବର୍ଡର ପେପ୍ଲମ୍ କୁର୍ତ୍ତା ସହ ପଟିଆଲା ପ୍ୟାଣ୍ଟକୁ ମ୍ୟାଚ୍‌କରି ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳିଥାଏ।

**ହେଭି ୱାର୍କ ବାଲା ପେପ୍ଲମ୍ କୁର୍ତ୍ତା:** ପାର୍ଟି, ଫଙ୍କ୍‌ସନ ପାଇଁ ୱାର୍କ ବାଲା ପେପ୍ଲମ୍ କୁର୍ତ୍ତା ଟ୍ରାଏ କରନ୍ତୁ, ଦେଖିବେ ସୁନ୍ଦର ଲାଗିବ। ଏ ଷ୍ଟାଇଲ୍‌ର କୁର୍ତ୍ତା ସହ ପ୍ଲେନ୍ ପ୍ୟାଣ୍ଟ ହିଁ ଭଲ ମାନିଥାଏ।

**ନେଟ୍ କାମବାଲା ପେପ୍ଲମ୍ କୁର୍ତ୍ତା:** ଏବେ ମାର୍କେଟ୍‌ରେ ନେଟ୍ କାମ ବାଲା ପେପ୍ଲମ୍ କୁର୍ତ୍ତା ସହ ମ୍ୟାଚିଂ କରି ନେଟ୍ କାମ ବାଲା ପ୍ଲେନ୍ ପ୍ୟାଣ୍ଟ ବି ମିଳୁଛି। ତା'ସାଙ୍ଗକୁ ଏଥିରେ ମ୍ୟାଚିଂ ଦୁପଟ୍ଟା ମଧ୍ୟ ରହୁଛି। ଏହା ଦେଖିବାକୁ ଯେତିକି ଆକର୍ଷଣୀୟ ଲାଗିଥାଏ ପିନ୍ଧିବାରେ ମଧ୍ୟ ସେତିକି କମ୍ଫଟେବଲ ଲାଗେ। ଏହାକୁ ପାର୍ଟି, ଫଙ୍କ୍‌ସନକୁ ମଧ୍ୟ ପିନ୍ଧିକି ଯାଇହେବ।

# ଲେଖିବାବେଳେ ଶିଶୁ ପାଲଟିଯାଏ




ପ୍ରାୟ ଚାରି ଦଶନ୍ଧି ଧରି ତାଙ୍କର କବିତା,ଗଳ୍ପ, ଭ୍ରମଣ କାହାଣୀ, ଜୀବନୀ, ଉପନ୍ୟାସ, ପ୍ରବନ୍ଧ, ରମ୍ୟ ରଚନା ସହ ଶିଶୁ ସାହିତ୍ୟ କ୍ଷେତ୍ରରେ ସେ ଖୁବ୍ ପରିଚିତ। ଏମିତିରେ ଥୁକୁଲୁ ଥୁକୁଲୁ ଥା, ସଡ଼କରେ ସଡ଼କ, ମୋର ଯୋଡ଼ି ସିଲଟଖଡ଼ି ଆଦି ଏକାଧିକ ଶିଶୁ କବିତା ଲେଖିବା ସହିତ ପ୍ରାୟ ୩୦ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିସାରିଲେଣି। ପୁଣି କେତୋଟି ପୁସ୍ତକ ସମ୍ପାଦନାରେ ରହିଛି ଦକ୍ଷତା । କେବଳ ସେ ଜଣେ ଶିଶୁଲେଖକ ନୁହନ୍ତି ବରଂ ଶିଶୁପତ୍ରିକାର ସମ୍ପାଦକ ଓ ଅନୁବାଦକ ଭାବେ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କ ସୃଜନଶୀଳତାର କୃତିତ୍ୱ ପାଇଁ ବିଭିନ୍ନ ଅନୁଷ୍ଠାନ ସମେତ ଓଡ଼ିଶା ସାହିତ୍ୟ ଏକାଡ଼େମୀ, କେନ୍ଦ୍ର ସାହିତ୍ୟ ଏକାଡ଼େମୀରୁ ମିଳିଛି ପୁରସ୍କାର। ସେ ହେଲେ ବୀରେନ୍ଦ୍ର ମହାନ୍ତି। ଜନ୍ମ ତା୮।୪।୧୯୬୨ରେ। ପିତା ଦାଶରଥି ମହାନ୍ତି, ମାତା ତିଲୋତ୍ତମା। ଘର ପୁରୀ ଜିଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଅଲଗୁମ ଗ୍ରାମରେ। ସେ କୁହନ୍ତି, ମା'ବାପାଙ୍କର ଆମେ ଚାରିପୁଅ ଓ ଜଣେ ଭଉଣୀଙ୍କ ମଧ୍ୟରେ ମୋର ସ୍ଥାନ ତୃତୀୟ। ଶିଶୁବେଳେ ମୋ ନାମ ପ୍ରଥମେ ବିଚିତ୍ର ରଖାଯାଇଥିଲା। ପରେ ସ୍କୁଲରେ ନାମ ଲେଖାହେଲା ବେଳକୁ ବୀରେନ୍ଦ୍ର ବୋଲି ରଖାଗଲା। ଗାଁର ଗୋପବନ୍ଧୁ ଉଚ୍ଚ ମୌଳିକ ବିଦ୍ୟାଳୟରେ ପାଠପଢ଼ା ହେଲା। ସପ୍ତମ ଶ୍ରେଣୀରେ ପଢ଼ିବାବେଳେ ସ୍କୁଲ ପାଠାଗାରରୁ ବିଭିନ୍ନ ପୁସ୍ତକ ଆଣି ପଢୁଥିଲି। ସେହି ସମୟରେ ଛୋଟଛୋଟ କବିତା ଲେଖା ଆରମ୍ଭ କରିଥିଲି। ପରେ ଜାଗେଶ୍ୱରୀ ବିଦ୍ୟାପୀଠ ହାଇସ୍କୁଲରେ ପଢ଼ା ସାରି ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପଢିଲି। ସମୟକ୍ରମେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ପାସ୍ କଲି । ପୁଣି ଓଡ଼ିଆ ବିଭାଗରେ ଏମ୍.ଫିଲ୍ ସାରିଲି। କିଛିଦିନ ପରେ ଏକ ବ୍ୟାଙ୍କରେ ନିଯୁକ୍ତି ମିଳିଲା । କିନ୍ତୁ ଲେଖାଲେଖି ଜାରି ରହିଥାଏ। ଏମିତିରେ ସେତେବେଳେ ପ୍ରଜାତନ୍ତ୍ର, ମୀନା ବଜାର ସମେତ ବିଭିନ୍ନ ପତ୍ରପତ୍ରିକାରେ ଲେଖା ପ୍ରକାଶିତ ହେଉଥାଏ। ପରେ ପିଲାଙ୍କ ଧରିତ୍ରୀ,ଫୁଲଚାଙ୍ଗୁଡ଼ି, ଶିଶୁରାଇଜ ଆଦି ପତ୍ରପତ୍ରିକାରେ ନିୟମିତ ଲେଖା ପ୍ରକାଶିତ ହେଲା। ରଚନା କରିଥିବା ଲେଖାଗୁଡ଼ିକୁ ନେଇ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ଓଡ଼ିଆ ଶିଶୁଗଳ୍ପ ସଙ୍କଳନ , ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟ,'ଶିଶୁଗୀତରେ ଗାନ୍ଧୀ' ପ୍ରଭୃତି ସଂକଳନ ହେଲା। ପ୍ରଥମକରି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ଓଡ଼ିଆ ଶିଶୁ କିଶୋର କାହାଣୀ ପୁସ୍ତକ ସମ୍ପାଦନା କରାଯାଇଥିବାରୁ ବେଶ୍ ପରିଚିତ ହେଲି। ଏମିତି ଏକାଧିକ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଛି। ପୁଷିମାଉସୀ ପତ୍ରିକାର ସମ୍ପାଦନା କରିଛି। କଲେଜ ସମୟରେ ନିଜର ପ୍ରକାଶିତ କେତେକ ଶିଶୁ ଲେଖାକୁ ନେଇ ଥରେ କଟକର ଏକ ନାମୀ ପ୍ରକାଶକଙ୍କଠାରୁ ଅପମାନିତ ହେବାପରେ ନିଜେ-ବୁନୀ ପ୍ରକାଶନୀ ନାମରେ ଏକ ପ୍ରକାଶନ ପ୍ରତିଷ୍ଠା କରିଥିଲି। ପ୍ରଥମ ପୁସ୍ତକ ଥୁକୁଲୁ ଥୁକୁଲୁ ଥା ୧୯୯୫ରେ ପ୍ରକାଶିତ ହେଲା। ଏହି ପୁସ୍ତକ ୧୯୯୬ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା। ୨୦୦୨ମସିହାରେ 'ଆମେ ସଭିଏଁ ମଣିଷ ଜାତି' ପାଇଁ ଜାତୀୟ ସାକ୍ଷରତା ମିଶନ ପୁରସ୍କାର । ୨୦୧୮ରେ 'ଋମୁକୁ ଝୁମା' ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ। ୨୦୧୧ରୁ୨୦୨୦ଯାଏ ଓଡ଼ିଶା ସାହିତ୍ୟ ଏକାଡ଼େମୀର ଅର୍ଥସମିତି ସଦସ୍ୟଭାବେ ନିର୍ବାଚିତ ହୋଇଥିଲି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରାଥମିକ ବିଦ୍ୟାଳୟ ପାଠ୍ୟପୁସ୍ତକ ସପ୍ତମଶ୍ରେଣୀ ସାହିତ୍ୟ ସୌରଭରେ 'ମୁକ୍ତି ଯୋଦ୍ଧା ଜୟୀ ରାଜଗୁରୁ'ଙ୍କ ଜୀବନୀ ଦୀର୍ଘଦିନ ଧରି ପ୍ରଚଳିତ ହାଇଆସୁଛି। ଇଂରାଜୀ ମାଧ୍ୟମ ସ୍କୁଲ ପାଠ୍ୟକ୍ରମର ଓଡ଼ିଆଭାଷା କଳିକା ପୁସ୍ତକରେ 'ପୃଥିବୀ ଆମର ଘର' ଏକ କବିତାକୁ ସ୍କୁଲ ପିଲାମାନେ ପଢ଼ିଥାନ୍ତି। ତେବେ ମୋ ପରିବାର କହିଲେ ପତ୍ନୀ ମୀନତି ପଟ୍ଟନାୟକ ଜଣେ ସୁଲେଖିକା ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ । ମୋର ଦୁଇ ଝିଅ ଇଞ୍ଜିନିୟର ଏବଂ ପୁଅ ଡାକ୍ତର । ମୁଁ ଏବେ ପୁରୀ କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟରତ। ମୋ ସାହିତ୍ୟକୃତି ପାଇଁ ଶ୍ରୀକ୍ଷେତ୍ରଶ୍ରୀ, ଶିଶୁସୌରଭ,ଶିଶୁଗୌରବ,ଶିଶୁଶ୍ରୀ ଆଦି ଅନେକ ପୁରସ୍କାର ବିଭିନ୍ନ ଅନୁଷ୍ଠାନରୁ ମିଳିଛି। ଅନ୍ୟପକ୍ଷେ ସ୍କୁଲ କଲେଜର ପାଠାଗାର କକ୍ଷରେ ପିଲାମାନଙ୍କ ପାଇଁ ବିଭିନ୍ନ ମୂଲ୍ୟବୋଧ ଭିତ୍ତିକ ଶିକ୍ଷଣୀୟ ପୁସ୍ତକ ପଠନର ଅଭ୍ୟାସକୁ ଜାରି ରଖିବା ନିମନ୍ତେ ସ୍ୱତନ୍ତ୍ର ସମୟ ସାରଣୀ କରାଯିବା ଉଚିତ। ଶିଶୁମାନେ ଅନୁକରଣପ୍ରିୟ ଶିଶୁମାନଙ୍କର ପିତାମାତା, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ସର୍ବଦା ଶିଶୁମାନଙ୍କୁ ସକାରାତ୍ମକ ଭାବେ ପଠନ ଦିଗରେ ଅନୁପ୍ରାଣିତ କରିବାର ଆବଶ୍ୟକତା ରହିଛି । ଶିଶୁମନସ୍କ ଲେଖା ଲେଖିଲାବେଳେ ଶିଶୁ ଦୁନିଆରେ ଥାଏ। ଶିଶୁ ଓଠର ଦରୋଟି ହସ, ଭାବବ୍ୟକ୍ତ କରିବାର ଅସ୍ପଷ୍ଟ ଶବ୍ଦର ସ୍ୱର ହୃଦୟକୁ ଛୁଇଁଯାଏ। ସେଥିରେ ହିଁ ଶିଶୁମନର କଥା ଲୁଚି ରହିଥାଏ। ତାହାକୁ ନେଇ ମଧୁର ଭାଷାର ହୃଦୟସ୍ପର୍ଶୀ ଶବ୍ଦରେ ଛୋଟଛୋଟ ଶିଶୁକବିତା ଓ ଗଳ୍ପ ସୃଷ୍ଟିକରେ ।

**-ବନବିହାରୀ ବେହେରା**









# ଚାରୋଟି ଏକପଦୀ

**-ଭରତ ଚନ୍ଦ୍ର ଦାଶ**

**ଏକ**

ପ୍ରଥମ ରାତ୍ରୀର ଶଯ୍ୟାସଂଗିନୀ ଗୋ
ତୁମେ ମୋ ଜୀବନ ଦୀପ
ସ୍ମୃତି ବିଜଡିତ ମିଳନ ସଂଗୀତ
ସହବାସ ମଧୁ ଧୂପ ।

**ଦୁଇ**

ଆଦ୍ୟ ସହବାସ ପ୍ରୀତିର ସୁବାସ
ମହ ମହ ହୋଇ ବାସେ
ଆଶ୍ଳେଷରେ ତୁମେ ଭିଡି ଧରିଥିଲ
ଦେହ ଦେହଳିର ଫାଶେ ।

**ତିନି**

ପଢିଛି ତୁମର ଆଖିର ଭାଷାକୁ
ହୃଦୟେ ସାଇତା ଯେତେ
ତନୁ ମନ ପ୍ରାଣ ସମର୍ପି ଦେବାକୁ
ବରିଛ ଆପଣା ଚିତ୍ତେ ।

**ଚାରି**

ଆଖିର ଭାବକୁ ବ୍ୟକ୍ତ କରେ ତୁମ
ଅଧରର ନିରବତା
ଅନ୍ତରରେ ତୁମେ ଭଲପାଅ ବୋଲି
ପ୍ରୀତି ଯେ ନିରବ ଗାଥା ।

*-ମାର୍କୋଣା, ବାଲେଶ୍ବର*
*ମୋ: ୯୪୩୭୩୭୨୧୬୬*

# ଦୃଶ୍ୟ

**-କ୍ଷୀରୋଦ ବିଶ୍ୱାଳ**

ଯେ ହାଡ଼ଭଙ୍ଗା ଶୀତରେ ଜେଜେମା' ଆଜି ଖଟରୁ ଉଠି ପାରିଲାନି । ସେଇ ସୁଯୋଗରେ ମୁଁ ବି ଜେଜେମା' ପେଟ ପାଖରେ କମ୍ବଳ ତଳେ ଲାଖି ରହିଥିଲି । ମୋ ଅଙ୍ଗନବାଡ଼ି ମାଷ୍ଟ୍ରାଣୀ ବୋଉକୁ କିନ୍ତୁ ଘରକାମ ସାରି ଅଙ୍ଗନବାଡ଼ି ଯିବାର ଥିଲା । ସେ ଜେଜେମା' ଉପରୁ କମ୍ବଳଟା ଭିଡ଼ିଆଣି କହିଲା । କ'ଣ ଗୋଟେ ପିଲାଙ୍କ ଭଳି ହଉଚ ? ଜେଜେମା' ଚାଉଁକିନା ଶୀତରେ ଥରିଗଲା । ମୋତେ ତା' ଶାଢ଼ୀକାନୀରେ ଘୋଡ଼େଇ ଦେଇ କହିଲା । ବୁଢ଼ା ବୁଢ଼ୀ ହେଇଗଲେ ସବୁ ମଣିଷ ପିଲାଙ୍କ ପରି ହେଇଯାଆନ୍ତି। କବାଟ ପାଖରେ ଜାଲ ବୁଣୁଥିବା ଜେଜେ ଚିହିଁକି ଉଠି କହିଲେ । କିଏ ଯେ ମିଛ ପ୍ରଚାର କରୁଛି, ବୁଢ଼ା ହେଲେ ଲୋକ ପିଲାଭଳି ହୋଇଯାଏ ବୋଲି ? ବୁଢ଼ା ଲୋକ କ'ଣ ଅଝଟ କରିପାରେ, ଜିଦି କରି କାନ୍ଦି ପାରେ, ଧୂଳିରେ ଗଡ଼ି ମାଗିପାରେ ନା ସମସ୍ତଙ୍କୁ ଛାତିରେ ଜାବୁଡ଼ି ଧରିପାରେ ! ଶେଷଆଡ଼କୁ ଜେଜେଙ୍କ କଣ୍ଠ ଥରିବା ଭଳି ଶୁଭୁଥିଲା । ଦୁଃଖରେ, ରାଗରେ କି ଶୀତରେ କେଯାଣି !

*-ନୂଆପୁର, କଲ୍ୟାଣୀ , ବାଲେଶ୍ୱର, ମୋ: ୯୪୩୯୯୮୭୬୭୫*



# ମୁକ୍ତିର ପଥ

**-ଲାବଣ୍ୟ ନାୟକ**

ଏସନ ଫେବ୍ରୁଆରିରେ
ବୋଉଲ ଚହଟିଲା
ନିଃଶବ୍ଦେ ଦରଜ ଘରଟେ ତୋଳିଲା,
କଅଁଳ ଆଖିରେ ନିଦ
ଶହେ କୋଷ ଦୂରକୁ ଫିଙ୍ଗି
ନିରୀହ ଛାତିର ଡରଟେ ଭରିଲା,

ରାସ୍ତା କଡେ ମିଳିଲା
ନୀରିମାଖିର କୁଆଁରୀ ଶବ
ଦୋଷ ନଥାଇ ବି ଦୋଷି
ଦଣ୍ଡପାଇଲେ ନିରିହ ମା' ବାପ,

ଗଦା ଗଦା ଟଙ୍କାର ପାହାଡ
ଲୁଚିଲା ଫାଇଲ ତଳେ ସତ
ମିଳିଲା ଅକସ୍ମାତ କୁନିଝିଅଟିର
ରକ୍ତରେ ଗାଧୁଆ ଶବ,
ଦୋଷି ମୁକ୍ତ
ଜୀବନ ଲାଗିଲା ଅଭିସାପ
ବାପା ମା' ସଂସାର ଛାଡି
ବାଛିନେଲେ ମୁକ୍ତିର ପଥ ।

*-କୁଆଁସରପୁର,*
*ଦେବୀଦ୍ୱାର, ଯାଜପୁର*
*ମୋ: ୮୭୬୩୦୭୦୭୯୮*

# ଅଶ୍ରୁ

**-ରଜତ ମହାନ୍ତି**

ଅଶ୍ରୁ ସହ ମୋର
ଘନିଷ୍ଟତା ଯୋଗୁ
ବୋଧେ ସେ ଏମିତି କରେ,
ଗଡ଼ିବ କି ନାହିଁ
ଏ ନିଷ୍ପତ୍ତି ବି ସେ
ଛାଡ଼ି ଦିଏ ମୋ ଉପରେ ।

*-ବଳଗଣ୍ଡି , ପୁରୀ,*
*ମୋ: ୮୯୦୮୦୬୬୫୬୨*

# ସ୍ୱପ୍ନ

**-ବନ୍ଦିତା ଦାଶ**

ଇନ୍ଦ୍ରଧନୁର ସବୁରଙ୍ଗ
ସାଇତିଚି ସମୁଦ୍ରିଆ ଆଖିରେ
ଧୋବ ଫରଫର ଏକାକୀ ସମୟ
ଆସିବକି ଧିରେ ,
ମଧୁମନ୍ଦ୍ର ଧ୍ୱନି ତୋଳି
ପ୍ରଣବର ସ୍ୱରେ !
ମଗ୍ନ ମୁଁ ଅମୃତଲଗ୍ନରେ
ହଂସଗୀତି ସ୍ୱରେ ।

*-କାଂଶବାହାଲ*
*ମୋ: ୮୦୧୮୦ ୯୮୯୨୮*

## ଅଭିନୟ କରି ନ ଥିଲେ..

ବଲିଉଡ୍‌ରେ କଙ୍ଗନା ରାଣାଓ୍ବତ ନିଜ ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି। ଏପରି କି କେତୋଟି ସିନେମାରେ ତାଙ୍କର ବଳିଷ୍ଠ ଅଭିନୟ ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ମିଳିଛି। ହେଲେ କେତେବେଳେ କ'ଣ କହିଲେ ତାହା ଆଲୋଚନା ପାଇଁ ଖୋରାକ ଯୋଗାଇବ ତାହାର କାଇଦା ମଧ୍ୟ ତାଙ୍କୁ ଜଣା। ହେଲେ ଯଦି ସେ ବଲିଉଡ୍‌ରେ ଏଣ୍ଟ୍ରି କରି ନଥାନ୍ତେ ତେବେ କ'ଣ କରିଥାଅନ୍ତେ ? ପାଠ ପଢ଼ିବା ସମୟରେ ଡାକ୍ତର ହେବା ପାଇଁ ତାଙ୍କର ଏକ ବଡ ଆଶା ଥିଲା। ହେଲେ ପ୍ରାଥମିକ ପରୀକ୍ଷାରେ ଫେଲ୍ ହେବା ପରେ ତାଙ୍କର ଏହି ଆଶା ଅପୂରଣ ରହିଯାଇଥିଲା। ତା'ପରେ ସେ ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିଥିଲେ। ଏ ନେଇ କଙ୍ଗନା କହନ୍ତି, 'ପାଠ ପଢ଼ିବା ସମୟରେ ସମସ୍ତଙ୍କର କିଛି ନା କିଛି ଆଶା ଥାଏ। ମୋର ମଧ୍ୟ ସେପରି ଏକ ସ୍ୱପ୍ନ ଥିଲା। ପାଠ ପଢ଼ିବା ପରେ ଡାକ୍ତର ହେବାକୁ ଚାହିଁଥିଲି। ହେଲେ ଏଣ୍ଟ୍ରାନ୍ସ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ପରେ ମୋର ଏହି ଆଶା ପୂରଣ ହୋଇ ପାରି ନ ଥିଲା। ତା'ପରେ ପୁଣି ଥରେ ଏଥିପାଇଁ ଚେଷ୍ଟା କରିବାକୁ ଆଉ ଚାହିଁ ନ ଥିଲି। ଏବେ ଅଭିନୟ ମୋର ପେସା ପାଲଟି ଯାଇଛି।' ସୂଚନାଯୋଗ୍ୟ କଙ୍ଗନାଙ୍କ ଅଭିନୀତ 'ଥଲାଇଭି' ନିକଟରେ ମୁକ୍ତିଲାଭ କରିଛି।


କଙ୍ଗନା

# ସ୍କୁଲ ଯିବେ ନର୍ଗିସ


ନର୍ଗିସ

ନର୍ଗିସ ଫକ୍ରି ଖୁବ୍ ଶୀଘ୍ର ସ୍କୁଲକୁ ଯିବେ। ଏ ବୟସରେ ତ ସେ ପାଠ ପଢ଼ିବେ ନାହିଁ। ହେଲେ ପାଠ ପଢ଼ାଇବେ। ଏହାର ଅର୍ଥ ନୁହେଁ ଯେ, ସେ ଅଭିନୟକୁ ଗୁଡବାୟ କରି ପାଠପଢ଼ା ଲାଇନ୍ ବାଛିନେଲେ। ଅସଲ କଥା ହେଉଛି, ନିଜ ଭୂମିକାକୁ ସକ୍‌ସେସ କରିବାକୁ ସେ ଏପରି ପନ୍ଥା ଅବଲମ୍ବନ କରୁଛନ୍ତି। ନିକଟରେ ସେ ସାଇନ୍ କରିଥିବା ଏକ ସିନେମାରେ ତାଙ୍କୁ ମିଳିଛି ଜଣେ ଶିକ୍ଷୟିତ୍ରୀ ଭୂମିକା। ଏଥିରେ ନିଜ ଭୂମିକା ସମ୍ପର୍କରେ ନର୍ଗିସ କହନ୍ତି, 'ଯେତେବେଳେ ମୋତେ ଏହି ଭୂମିକା ବିଷୟରେ ସୂଚନା ଦିଆଗଲା, ମୁଁ ଭାବିଲି ଏପରି ରୋଲ୍‌କୁ ମୋତେ ଯେମିତି ହେଲେ ସକ୍‌ସେସ୍ କରିବାକୁ ପଡିବ। ତେଣୁ ଏବେ କିଛି ଶିକ୍ଷୟିତ୍ରୀଙ୍କ ସହ ମିଶି କିପରି ପାଠ ପଢ଼ାଇବାକୁ ପଡେ ତାହା ଜାଣୁଛି। ତା' ସହ ସେ ସମୟରେ ମାନସିକତାକୁ କିପରି ରଖିବାକୁ ପଡିବ ଏବଂ ଆଚାର ବ୍ୟବହାର ମଧ୍ୟ କିପରି ହେବା ଦରକାର ସେ ନେଇ ଜାଣିବାକୁ ଚେଷ୍ଟା କରୁଛି। ଅସଲ କଥା ହେଲା, ଆକ୍ଟିଂ ଲାଇନକୁ ଆସିବା ପୂର୍ବରୁ ମୁଁ ଜଣେ ଟିଚର ହେବାକୁ ଆଶା ରଖିଥିଲି। ହେଲେ ତାହା ପୂରଣ ହୋଇପାରିଲା ନାହିଁ।' କୌଣସି ମନଲୋଭା ଖାଦ୍ୟ ଦେଖିଲେ ନିଜ ଲୋଭକୁ ସମ୍ବରଣ କରିପାରି ନ ଥାନ୍ତି ନର୍ଗିସ।

## ପ୍ରଶଂସା ଅନ୍ତରାଳେ..

ଯାହା କହନ୍ତୁ ନା କାହିଁକି, କ୍ରିତି ସାନନ୍‌ଙ୍କ ଆଇଡିଆକୁ ମାନିବାକୁ ପଡିବ। କେତେବେଳେ କ'ଣ କହିଲେ ତାହା ଆଲୋଚନା ପାଇଁ ଖୋରାକ ଯୋଗାଏ ତାହାର କାଇଦା ତାଙ୍କୁ ଭଲ ଭାବରେ ମାଲୁମ। ଦେଖୁନାହାନ୍ତି, ଏବେ କେମିତି ସେ ବଲିଉଡ୍‌ର ୟଙ୍ଗ ସନ୍‌ସେସନ୍ ଟାଇଗର ଶ୍ରଫଙ୍କ ପ୍ରଶଂସାରେ ଶତମୁଖ। ଦୁହେଁ ତ ଏବେ ଗୋଟିଏ ସିନେମା 'ଗଣପଥ'ରେ ଏକାଠି ଅଭିନୟ କରୁଛନ୍ତି। ପୁଣି ଏହି ଫିଲ୍ମଟି ଆସନ୍ତା ବର୍ଷ ଡିସେମ୍ବରରେ ରିଲିଜ ହେବ। ଟାଇଗରଙ୍କ ସମ୍ପର୍କରେ କ୍ରିତି କହନ୍ତି, 'ଟାଇଗର ଜଣେ ଦକ୍ଷ ଅଭିନେତା। ବିଶେଷଭାବରେ ତାଙ୍କର ଆକ୍ସନ ରୋଲ୍ ମୋତେ ଅଧିକ ଇମ୍ପ୍ରେଶ କରିଛି। ଏବେ ତ ତାଙ୍କ ସହ ନିର୍ମାଣାଧୀନ 'ଗଣପତ୍'ରେ କାମ କରୁଛି। ତାଙ୍କର ପର୍ସନାଲିଟିକୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଟାଇଗର-କ୍ରିତି ଅଭିନୟ କରୁଥିବା 'ଗଣପତ୍' ଆକ୍ସନଭିତ୍ତିକ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି 'କୁଇନ୍'ର ନିର୍ଦ୍ଦେଶକ ବିକାଶ ବହଲ୍। ହେଲେ ଏହି ଯୋଡି ଏହାପୂର୍ବରୁ ଏକତ୍ର ଅଭିନୟ କରସାରିଛନ୍ତି। ଟାଇଗରଙ୍କ ପ୍ରଥମ ସିନେମା 'ହିରୋପନ୍ତୀ'ରେ ତାଙ୍କ ଅପୋଜିଟ୍‌ରେ ଥିଲେ କ୍ରିତି।


କ୍ରିତି

## ସତ-ମିଛର ଖେଳ

ବେଳେବେଳେ ନିଜ ନିଷ୍ପତ୍ତି ପାଇଁ ପରେ ଅନୁତାପ କରିବାକୁ ପଡ଼ିଥାଏ। ହେଲେ ସେତେବେଳକୁ କଥାଟି ହାତରୁ ଖସି ଯାଇଥାଏ। ଠିକ୍ ସେମିତି ଏକାଥରେ ଦୁଇଟି ଭଲ ଅଫର ହାତଛଡା କରିବା ପରେ ଏବେ ସେ ନେଇ ଚିନ୍ତା କରୁଛନ୍ତି ନୁସ୍‌ରତ। କଥା କ'ଣ କି ଜଣେ ନବାଗତ ପ୍ରଯୋଜକ ନିକଟରେ ତାଙ୍କୁ ଦୁଇଟି ସିନେମାର ଲିଡ୍ ରୋଲ୍ ପାଇଁ ସାଇନ୍ କରିବାକୁ ଅଫର ଦେଇଥିଲେ। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଜାଣିବା ପରେ ନୁସରତ ଖୁସିରେ ଉଚ୍ଛୁଳି ଉଠିଥିଲେ। ହେଲେ ପରେ ନିଜ ପଟରୁ ସେ ମନା କରିଦେଇଥିଲେ। ଶୁଣିବାକୁ ମିଳୁଛି ଯେ, ଏହି ଫିଲ୍ମଦ୍ୱୟ ପାଇଁ ସେ କୁଆଡେ ଅଧିକ ପାରିଶ୍ରମିକ ଡିମାଣ୍ଡ କରିଥିଲେ, ଯାହାକୁ ନେଇ ପ୍ରଯୋଜକ ଏବଂ ନୁସ୍‌ରତଙ୍କ ଭିତରେ ମତାନ୍ତର ହୋଇଥିଲା। ଏ ନେଇ ନୁସ୍‌ରତ କହନ୍ତି, 'ଏହି ଫିଲ୍ମଦ୍ୱୟ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଥିଲି ବୋଲି ଯାହା ଶୁଣାଯାଉଛି ତାହା ପଛରେ ଆଦୌ ସତ୍ୟତା ନାହିଁ।'

## ନୂଆ ଲୁକ୍‌ରେ କାର୍ତ୍ତିକ

କାର୍ତ୍ତିକ ଆର୍ଯ୍ୟନଙ୍କ ଖୁସି ଏବେ ବନ୍ଧବାଡ ମାନୁନି। କେମିତି ବା ମାନିବ କହୁନାହାନ୍ତି ? କାରଣ ଯେଉଁଭଳି ଲୁକ୍‌ରେ ସେ ଦର୍ଶକଙ୍କ ସାମନାକୁ ଆସିବାକୁ ଯାଉଛନ୍ତି ତାହା ସେମାନଙ୍କୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ଦେବ ବୋଲି ଆଶା ରଖିଛନ୍ତି ଏହି ଅଭିନେତା। କଥା କ'ଣ କି, ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ସାଜିଦ ନାଦିଆଦୱାଲା ଏବେ ଏକ ନୂଆ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି, ଆଉ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବେ କାର୍ତ୍ତିକ। ତାଙ୍କୁ ଯେତେବେଳେ ଏହି ଅଫରଟି ମିଳିଲା ସେତେବେଳେ ସେ ଆଗପଛ ବିଚାର ନ କରି ହଁ ଭରିଥିଲେ। କାରଣ ସାଜିଦଙ୍କ ଏହି ଅନଟାଇଟଲଡ୍ ଫିଲ୍ମର ନିର୍ଦ୍ଦେଶନା ଦେବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ସମୀର ବିଦ୍ୱାନ। ଏଥିରେ ସେ ଜଣେ ଗାଉଁଲି ଯୁବକ ଭୂମିକାରେ ଅଭିନୟ କରିବେ। ଏ ନେଇ କାର୍ତ୍ତିକ କହନ୍ତି, 'ଏହି ଅନଟାଇଟଲଡ୍ ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ଏପରି ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଦେଇଛି।' ତେବେ ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ କିଏ ଆକ୍ଟିଂ କରିବେ ତାହା ଫାଇନାଲ ହୋଇନାହିଁ।


କାର୍ତ୍ତିକ

## ପଡିଗଲି ତୋ ପ୍ରେମରେ

'ପଡିଗଲି ତୋ ପ୍ରେମରେ'-ଏଭଳି ଶୀର୍ଷକରୁ ପ୍ରତୀୟମାନ ହେଉଛି ଯେ, ଏହାର କାହାଣୀ ପ୍ରେମଭିତ୍ତିକ। ତେବେ ଏଭଳି ବିଷୟବସ୍ତୁକୁ ନିଆରା ଢ଼ଙ୍ଗରେ ଉପସ୍ଥାପନା କରିଛନ୍ତି ପ୍ରଯୋଜକ ଚିରଞ୍ଜୀବୀ ବେହେରା। ତା'ସହ ସେ ଏହାର କାହାଣୀ ରଚନା କରିଛନ୍ତି ଏବଂ କୋରିଓଗ୍ରାଫି ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏହାର ସିନେମାଟୋଗ୍ରାଫି କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ୟଶ ବର୍ମନ ପଣ୍ଡା। ଗୀତ ପ୍ରସାଦ ପାଣିଗ୍ରାହୀ ସଂଳାପ ରଚନା କରିଛନ୍ତି। ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀଙ୍କ ରଚିତ ତଥା ସୌଭାଗ୍ୟ କୁମାର ସାମଲ (ବାପି)ଙ୍କ ସ୍ୱର ସଂଯୋଜନାରେ ସଂଯୋଜିତ ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦିପ୍ତୀରେଖା ପାଢ଼ୀ, ସ୍ୱୟମ ପାଢ଼ୀ, ଅସୀମା ପଣ୍ଡା ଏବଂ ଅମ୍ରିତା ନାୟକ। ଏହି ଫିଲ୍ମ ସମ୍ପର୍କରେ ପ୍ରଯୋଜକ ଚିରଞ୍ଜୀବୀ କହନ୍ତି, 'ଏହି ଲଭ୍ ଷ୍ଟୋରି'ରେ ଭିନ୍ନତା ରହିଛି। ଯୁବପିଢ଼ୀଙ୍କୁ ଆଖି ଆଗରେ ରଖି ସିନେମାଟି ନିର୍ମାଣ କରାଯାଇଥିଲେ ମଧ୍ୟ ଏଥିରେ ଫ୍ୟାମିଲି ଡ୍ରାମା, କମେଡି, ଇମୋଶନ ରହିଛି ଏବଂ ଏହାକୁ ସବୁ ବର୍ଗର ଦର୍ଶକ ଦେଖିପାରିବେ।' ମା' ସର୍ବମଙ୍ଗଳା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଚିରଞ୍ଜୀବୀ ବେହେରା, ଅର୍ଚ୍ଚି ପ୍ରଧାନ, ଅବତାର ସିଂ, ବବଲୁ, ଆଦି କଳାକାର ଅଭିନୟ କରୁଛନ୍ତି।


ଚିରଞ୍ଜୀବୀ-ଅର୍ଚ୍ଚି

## ଏଥର ହଲିଉଡ୍ ମିଶନ

ଷ୍ଟାର୍ କିଡ୍ ଅନନ୍ୟା ପାଣ୍ଡେ। ନିଜର ନୂଆ ମିଶନକୁ ନେଇ ଏବେ ବ୍ୟସ୍ତ। ବଲିଉଡ୍‌ରେ ସେ ନିଜର କ୍ୟାରିୟରକୁ ଆଗେଇ ନେଉଛନ୍ତି, ହେଲେ ସେପଟେ ହଲିଉଡ୍ ସିନେମାରେ ମୁହଁ ଦେଖାଇବାକୁ ମନ ବଳାଇଛନ୍ତି ସେ। ତେଣୁ ଏ ନେଇ ସେ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ନିଜର ହଲିଉଡ୍ ମିଶନ ସମ୍ପର୍କରେ ଅନନ୍ୟା କହନ୍ତି, 'ନିକଟରେ ମୋତେ ଜଣେ ହଲିଉଡ୍ ପ୍ରଯୋଜକ ଏ ନେଇ ସୂଚନା ଦେଇଥିଲେ। ଅବଶ୍ୟ ଏହି ପ୍ରୋଜେକ୍ଟର ପ୍ରାରମ୍ଭିକ କାମ ଚାଲିଛି। ଏଥିରେ ମୁଁ ଅଭିନୟ କରିବି ବୋଲି କେବଳ ସୂଚନା ମିଳିଛି। ହେଲେ ଫାଇନାଲ କଥାବାର୍ତ୍ତା ପରେ ଯାହା ଜଣାପଡିବ। ତେବେ ଏପରି ଏକ ଅଫରକୁ ମୁଁ ଚାହିଁ ବସିଛି। ଯଦି ମୋତେ ସେଠାରେ କିଛି ଅଫର ମିଳେ ତେବେ ବଲିଉଡ୍‌କୁ ସମାନ ଗୁରୁତ୍ୱ ଦେବି। ଏ ନେଇ ଅନ୍ତିମ ନିଷ୍ପତ୍ତିକୁ ଅପେକ୍ଷା କରିଛି। ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ନିଶ୍ଚୟ ସବୁ କିଛି କ୍ଲିୟର ହୋଇଯିବ ବୋଲି ଆଶା ରହିଛି। ତେବେ ହଲିଉଡ୍‌ରେ ଅନନ୍ୟା କି କମାଲ କରୁଛନ୍ତି ତାହା ଜାଣିବାକୁ ଅପେକ୍ଷା କରିବାକୁ ହିଁ ପଡିବ।


ଅନନ୍ୟା

# ଲାଜୁଆ ହସକୁ ଚୋରା ଚାହାଣୀ, ମନ କିଣିନେଲା ସପନ ରାଣୀ

**ପ୍ରଶ୍ନ–** ତା' ଲାଜୁଆ ହସ ମୋତେ ପାଗଳ କରିଦେଲା। ଦିନ କେଇଟା ଭିତରେ ମୁଁ ସେହି ସୁନ୍ଦରୀ ପ୍ରେମରେ ପଡିଗଲି। ମୋର ମନର ରାଣୀ ସବୁଦିନ ମୋ ସହ ରହିବ ତ ?

*–ତନ୍ମୟ ସାହୁ, ସୋନପୁର*

**ଉତ୍ତର:** ଆପଣଙ୍କ ମନର ରାଣୀ ଆପଣଙ୍କ ସହ ସବୁଦିନ ରହିବ କି ଉଡି ଯାଇ ଆଉ କାହା ହୃଦୟରେ ବସା ବାନ୍ଧିବ, ତାହା ଆପଣ ଦୁଇ ଜଣଙ୍କ ଉପରେ ନିର୍ଭର କରେ। ତାହାର ଲାଜୁଆ ହସ ଆପଣଙ୍କୁ ପାଗଳ କରିଦେଲା। ଆଉ ଦେଖୁ ଦେଖୁ ତା' ପ୍ରେମରେ ଆପଣ ପାଗଳ ହୋଇଗଲେ। 'ଲାଜୁଆ ହସକୁ ଚୋରା ଚାହାଣୀ, ମନ କିଣିନେଲା ସପନ ରାଣୀ'। ଯଦି ଆପଣଙ୍କ ପ୍ରେମର ଫାଉଣ୍ଡେସନ ଦୃଢ଼ ଆଉ ସେଥିରେ ବିଶ୍ୱାସ ଭରି ରହିଛି, ତେବେ ମନ ଊଣା କରିବାର ନାହିଁ। ବାସ୍, ସେହି ବିଶ୍ୱାସକୁ ମଜଭୂତ ରଖନ୍ତୁ। ଦେଖିବେ ଆପଣଙ୍କ ପ୍ରେମର ଗାଡି କେମିତି ସୁରୁଖୁରୁରେ ଆଗକୁ ଗଡି ଚାଲିବ।

**ପ୍ରଶ୍ନ–**ମୁଁ ଜଣେ ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଛି। ହେଲେ ସେ ଝିଅ ପ୍ରକୃତରେ ମୋତେ ଭଲ ପାଉଛି କି ଆଉ କାହାକୁ ମନ ଦେଇଛି କେମିତି ଜାଣିବି ?

*–ଅନୁପ କୁମାର, ବାଲେଶ୍ୱର*

**ଉତ୍ତର:** ଏଥିପାଇଁ ଏକ ସରଳ ଉପାୟ ରହିଛି। ହେଲେ ବେଶ୍ ସତର୍କତାର ସହ ତାହାକୁ ଆପ୍ଲାଏ କଲେ ଆପଣଙ୍କ ପ୍ରଶ୍ନର ଉତ୍ତର ପାଇଯିବେ। ସେ ଝିଅକୁ ଆପଣ ମନପ୍ରାଣ ଦେଇ ଭଲ ପାଉଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ହେଲେ ସେହି ଝିଅ ଉପରେ ଶତ ପ୍ରତିଶତ ବିଶ୍ୱାସ ନାହିଁ। ବାସ୍, ଆପଣଙ୍କ ପ୍ରେମିକାର ସାଙ୍ଗ ସହ ପ୍ରେମର ନାଟକ ଆରମ୍ଭ କରିଦିଅନ୍ତୁ। ତା' ସାମନାରେ ନୂଆ ପ୍ରେମିକାକୁ ଏମିତି ପ୍ରେଜେଣ୍ଟ କରନ୍ତୁ ଯେ ଯେମିତି ସେ ଆପଣଙ୍କ ଜୀବନର ସବୁକିଛି। ସେତିକି ବେଳେ ଆପଣଙ୍କ ପ୍ରଥମ ପ୍ରେମିକାର ମାନସିକତାକୁ ଭଲ ଭାବରେ ଲକ୍ଷ୍ୟ କରନ୍ତୁ। ଯଦି ସେ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଥିବ ତେବେ ଆପଣଙ୍କ ନୂଆ ପ୍ରେମକୁ ସେ ନିଶ୍ଚୟ ବିରୋଧ କରିବ। ହେଲେ ଦ୍ୱିତୀୟ ପ୍ରେମ ଯେମିତି ସତସତିକା ହୋଇ ନ ଯାଏ ସେଥିପ୍ରତି ଧ୍ୟାନ ଦେବେ। ନ ହେଲେ ମହରଗରୁ ଯାଇ କାନ୍ତାରରେ ପଡିବାର ସମ୍ଭାବନା ଅଧିକ।



**ପ୍ରଶ୍ନ–**ମୋ ପ୍ରେମ ଦିନକୁ ଦିନ ଚାର୍ମଲେସ ଲାଗୁଛି। ଏମିତି କାହିଁକି ମୁଁ ଅନୁଭବ କରୁଛି ?

*–ସାର୍ଥକ ସାହୁ, କଟକ*

**ଉତ୍ତର:** ଆପଣଙ୍କର ପ୍ରେମ ଏକତରଫା ନୁହେଁ ତ ? ଯଦି ହଁ, ତେବେ ସେଭଳି ପ୍ରେମ ସାରା ଜୀବନ କଲେ ମଧ୍ୟ କିଛି ଫାଇଦା ନାହିଁ। ଚାର୍ମଲେସ ପ୍ରେମ ଆରମ୍ଭରୁ ସ୍ୱାଦହୀନ। କେବଳ ନିଜର ଭରସାକୁ ଆଧାର କରି ତାହା ମିଠା ମିଠା ଲାଗିଥାଏ। ହେଲେ ସେପରି ପ୍ରେମର ମୀନାର ଯେ କେତେବେଳେ ତାସଘର ପରି ଭୁଷୁଡି ପଡିବ ତାହା ନିଜେ ମଧ୍ୟ ଜାଣିପାରିବେ ନାହିଁ। ତେଣୁ ନିଜ ପ୍ରେମକୁ ପ୍ରଥମେ ଭଲ ଭାବରେ ତର୍ଜମା କରନ୍ତୁ। ତା'ପରେ ବଳେ ବଳେ ଜାଣିପାରିବେ ଯେ ଆପଣଙ୍କ ପ୍ରେମ କାହିଁକି ଚାର୍ମଲେସ୍ ଲାଗୁଛି।

**ପ୍ରଶ୍ନ–**ମୁଁ ବିବାହିତ। କିଛି ଦିନ ହେବ ଜଣେ ବିବାହିତା ମହିଳା ମୋତେ ପ୍ରେମ ଜାଲରେ ଫସେଇ ଦେଇଛି। ତାକୁ ଛାଡି ମୁଁ ବଞ୍ଚି ପାରିବି ନାହିଁ। ମୁଁ କ'ଣ ଭୁଲ କରୁଛି ?

*–ଅଧିର ଦାସ, ଢେଙ୍କାନାଳ*

**ଉତ୍ତର:** ଆପଣ ଭୁଲ କରୁଛନ୍ତି କି ଠିକ୍ କରୁଛନ୍ତି ତାହା ନିଜକୁ ପଚାରନ୍ତୁ। ବାହା ହୋଇଛନ୍ତି, ଘରସଂସାର ଅଛି। ଯଦି ଆପଣଙ୍କୁ ଆଉ ଜଣେ ବିବାହିତା ମହିଳା ଫସେଇଛନ୍ତି ତେବେ ସେତିକି ବେଳେ ଏହାର ଭଲମନ୍ଦ ବିଚାର କରିବାର ଥିଲା। ଏବେ ଗୋଡ ଖସିଗଲା ପରେ ଚିନ୍ତା କରୁଛନ୍ତି ଯେ ମୁଁ ଭୁଲ୍ କରିଛି କି ନାହିଁ। ବାହା ହୋଇ ଆଉ ଜଣେ ଘର ସଂସାର କରିଥିବା ମହିଳାଙ୍କ ପ୍ରେମରେ ପାଗଳ ହେବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ତେଣୁ ବେଳ ଥାଉ ଥାଉ ସେହି ପଙ୍କରୁ ନିଜ ଗୋଡକୁ ବାହାର କରିଆଣନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲା ପରେ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ କେହି ନ ଥିବେ।



ସାଥୀ

ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ବୋଉ ଓ ନାନୀଙ୍କୁ ଦେଇଥିଲି




ସାହିତ୍ୟିକ **ସତ୍ୟନାରାୟଣ ଗନ୍ତାୟତ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ରାୟଗଡ଼ା ହେଉଛି ମୋ ଜନ୍ମସ୍ଥାନ। ସ୍ଥାନୀୟ ଗୋବିନ୍ଦଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରୁ ୧୯୭୯ରେ ଏକାଦଶ ପାସ୍ କରିବା ପରେ ରାୟଗଡ଼ା କଲେଜରେ ସ୍ନାତକ ଯାଏ ପଢ଼ିଥିଲି। ତା'ପରେ ଇଣ୍ଟରଭ୍ୟୁ ଦେଇ ୧୯୮୩ ମସିହା ଅଗଷ୍ଟ ୧୧ ତାରିଖରୁ ଏଲ୍ଆଇସିର ଜୟପୁର ବ୍ରାଞ୍ଚରୁ ଆସିଷ୍ଟାଣ୍ଟ ପୋଷ୍ଟରୁ ମୋ ଚାକିରି ଜୀବନ ଆରମ୍ଭ କଲି। ସେତେବେଳେ ୭୦୦ଟଙ୍କା ଦରମା ମିଳୁଥିଲା। ତେବେ ପ୍ରଥମ ମାସର ଦରମା ସହ ପୂଜାଖର୍ଚ୍ଚ ବାବଦରେ ଆଡ୍ଭାନ୍ସରେ ଆଉ ୭୦୦ ଟଙ୍କା ମୁଁ ଅଫିସ୍‌ରୁ ଉଠାଇଥିଲି, ଯେଉଁ ଟଙ୍କାକୁ ଦଶ ମାସ ଭିତରେ ଶୁଝିବାର ସୁବିଧା ମୋତେ ଦିଆଯାଇଥିଲା। ମୋଟ ୧୪୦୦ ଟଙ୍କାରୁ ୪୦୦ ଟଙ୍କା ନିଜ ଖର୍ଚ୍ଚ ପାଇଁ ରଖି ବାକି ହଜାରେ ଟଙ୍କା ନେଇ ବୋଉ ଓ ମୋ ବଡ଼ ନାନୀ ହାତରେ ଦେଇଥିଲି। କାରଣ ମୁଁ ମାଟ୍ରିକ୍ ପଢ଼ିଲାବେଳେ ବାପାଙ୍କର ଅକାଳ ବିୟୋଗ ହୋଇଯାଇଥିଲା। ବାପାଙ୍କ ମୃତ୍ୟୁ ପରେ ବୋଉ ସହିତ ମୋଠାରୁ ଦଶ ବର୍ଷ ବଡ଼ ମୋ ନାନୀ ମୋତେ ଆଉ ମୋ ସାନ ଭାଇକୁ ମା' ପରି ସ୍ନେହମମତା ଦେଇ ବଢ଼ାଇଥିଲେ। ତେଣୁ ଚାକିରିର ପ୍ରଥମ ଦରମା ପାଇବା ପରେ ଟଙ୍କାଟିକୁ ନେଇ ସେମାନଙ୍କ ହାତରେ ଦେବାରେ ମୋତେ ଖୁବ୍ ଆତ୍ମଶାନ୍ତି ମିଳିଥିଲା। ବୋଉ ଓ ନାନୀ ସେଦିନ ମୋ ଉପରେ ବହୁତ ଖୁସି ହୋଇଥିଲେ ଆଉ ମୋତେ ଆଶୀର୍ବାଦ ବି କରିଥିଲେ। ସେମାନଙ୍କ ଆଶୀର୍ବାଦରୁ ଚାକିରି କ୍ଷେତ୍ରରେ କ୍ରମେ ପ୍ରମୋଶନ ପାଇ ଏବେ ମୁଁ ହାୟର୍ ଗ୍ରେଡ୍ ଆସିଷ୍ଟାଣ୍ଟ ଭାବେ ରାୟଗଡ଼ା ଏଲ୍ଆଇସି କାର୍ଯ୍ୟାଳୟରେ କାର୍ଯ୍ୟରତ। ଆଉ ମାତ୍ର ଅଢ଼େଇ ବର୍ଷ ବାକି ଅଛି ଚାକିରିରୁ ଅବସର ନେବାକୁ। ତେବେ ଏଠାରେ କହି ରଖିବାକୁ ଚାହେଁ ଯେ, ଦୁର୍ଭାଗ୍ୟବଶତଃ ଆମେ ତିନି ଭାଇ ଭଉଣୀ ଥିଲୁ ବର୍ଦ୍ଧିଷ୍ଣୁ ଚଳତ୍‌ଶକ୍ତିହୀନତାର ଶିକାର। ହେଲେ ଏହି ଶାରୀରିକ ଅକ୍ଷମତା କେବେ ବି ଆମର ପଥ ଅବରୋଧ କରିପାରିନି। ନିଜ ଚେଷ୍ଟାରେ ଆମେ ତିନି ଜଣଯାକ ପାଠରେ ଯେମିତି ଭଲ ଥିଲୁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେମିତି ପାରଦର୍ଶିତା ଦେଖାଉଥିଲୁ। ମୋ ସାନଭାଇ ଶିବପ୍ରସାଦ ଗନ୍ତାୟତ ଜଣେ ଲୋକପ୍ରିୟ ବ୍ୟଙ୍ଗ ଲେଖକ। ବଡ଼ ନାନୀ ନିର୍ମଳା ଗନ୍ତାୟତ 'ସମ୍ପାଦକ ସମୀପେଷୁ'ଓ 'ସବୁ ରାତିର ଜହ୍ନ' ଶୀର୍ଷକ ଦୁଇଟି ବହିର ଲେଖିକା। ହେଲେ ସେମାନେ ଏବେ କେହି ମୋ ପାଖରେ ନାହାନ୍ତି। ବୋଉ, ନାନୀ ଆଉ ସାନ ଭାଇ ସମସ୍ତେ ଆରପାରିକୁ ଚାଲିଗଲେଣି। କେବଳ ଧର୍ମପତ୍ନୀ ଓ ଦୁଇ ଝିଅଙ୍କୁ ନେଇ ଏବେ ମୋ ପରିବାର। ତେବେ ଚାକିରି କରି ରୋଜଗାର କରିବାର ବହୁ ପୂର୍ବରୁ ଅର୍ଥାତ୍ ତୃତୀୟ ଶ୍ରେଣୀରୁ ମୁଁ ବୃତ୍ତି ଆକାରରେ ମଧ୍ୟ କେତେ ଟଙ୍କା ପାଇଛି। ତୃତୀୟରେ ୭ ଟଙ୍କା, ପଞ୍ଚମରେ ୯ ଟଙ୍କା ଆଉ ସପ୍ତମରେ ୨୦ ଟଙ୍କା ଲେଖାଏଁ ମୁଁ ବୃତ୍ତି ପାଇଥିଲି। ଆଉ ସେ ସବୁ ଟଙ୍କାକୁ ନେଇ ମୋ ଜେଜେମା'ଙ୍କ ହାତରେ ଦେଇଥିଲି। ଜେଜେମା' ସେହି ଟଙ୍କାକୁ ଘର ଖର୍ଚ୍ଚରେ ହିଁ ଲଗାଉଥିଲେ, ଯାହା ମୋ ପାଇଁ ବି ଖୁସିର ବିଷୟ ଥିଲା। ତେବେ କେବଳ ପାଠ ନୁହେଁ, ବକ୍ତୃତା ପ୍ରତିଯୋଗିତାରେ ଭାଗ ନେବା ସହ କବିତା ଲେଖିବା ମଧ୍ୟ ମୁଁ ଖୁବ୍ କମ୍ ବୟସରୁ ଆରମ୍ଭ କରି ଦେଇଥିଲି। ଏପରିକି ଆକାଶବାଣୀର ଯୁବବାଣୀ ବିଭାଗରେ କବିତା ପାଠକରି ମୁଁ ପ୍ରଥମ ଥର ପାଇଁ ୫୦ ଟଙ୍କାର ଏକ ଚେକ୍ ପାଇଥିଲି। ଆଉ ଯାହାକୁ ପାଇବା ପରେ ପ୍ରଥମ କରି ମୋ ନାଁରେ ଏକ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିଥିଲି, ଯାହା ଥିଲା ମୋ ପାଇଁ ଏକ ଅଭୁଲା ସ୍ମୃତି। ଏବେ ମୁଁ କବିତା ଓ ସ୍ତମ୍ଭ ରଚନା ସହିତ ନିବନ୍ଧ, ଅଣୁଗଳ୍ପ, ଅନୁବାଦ ଲେଖିବା ସଙ୍ଗେସଙ୍ଗେ ଆଲୋଚନା ତଥା କବିତା ସମୀକ୍ଷା ମଧ୍ୟ କରୁଛି। ସେହିପରି ମୋର 'ଥୁଣ୍ଟାଗଛ', 'ଛବିର ମଣିଷ' ଶୀର୍ଷକ ଦୁଇଟି କବିତା ବହି ପ୍ରକାଶିତ ହୋଇ ବହୁ ଅନୁଷ୍ଠାନରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ବି ହୋଇସାରିଛି। ତା'ଛଡ଼ା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ଭାବେ ଦୁଇଥର ମନୋନୀତ ହୋଇ ଏବଂ ରାୟଗଡ଼ା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଭାବେ ମୁଁ ପାଠକଙ୍କଠାରୁ ଅନେକ ପ୍ରଶଂସା ମଧ୍ୟ ପାଇଛି। ଭଗବାନଙ୍କ ଆଶୀର୍ବାଦ ଥିଲେ ଆଗକୁ ବି ଲେଖାଲେଖିର ଏହିଧାରା ଏମିତି ଜାରି ରହିବ ବୋଲି ମୋର ଆଶା ମଧ୍ୟ ରହିଛି।

–ଅସ୍ମିତା

# ସୂର୍ଯ୍ୟ ଅସ୍ତ ହେଉ ନ ଥିବା ସ୍ଥାନ







ସୌରମଣ୍ଡଳ ଏବେ ସୁଦ୍ଧା ମଣିଷ ସମାଜ ପାଇଁ ଏକ ଅସରନ୍ତି ରହସ୍ୟମୟ । ପୃଥିବୀ ସୂର୍ଯ୍ୟ ଚାରିପଟେ ବୁଲିବା ସହିତ ନିଜ ଚାରିପଟେ ମଧ୍ୟ ବୁଲୁଥାଏ, ଯେଉଁଥିପାଇଁ ଦିନରାତି ହୋଇଥାଏ। ତେବେ ବିଭିନ୍ନ ସ୍ଥାନରେ ଦିନରାତିର ସମୟସୀମା ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ଏମିତି ବି କିଛି ବିସ୍ମୟ ସ୍ଥାନ ରହିଛି; ଯେଉଁଠାରେ ସୂର୍ଯ୍ୟ ଅସ୍ତ ହୁଅନ୍ତି ନାହିଁ...

**ନରୱେ :** ନରୱେର ହାମରଫେଷ୍ଟ ନାମକ ଏକ ସ୍ଥାନରେ ଆର୍କଟିକ୍ ସର୍କଲ ଥିବାରୁ ଏଠାରେ ଖୁବ୍ କମ୍ ସମୟ ପାଇଁ ସୂର୍ଯ୍ୟାସ୍ତ ହେଉଥିବା ସୂଚନା ରହିଛି। ମୁଖ୍ୟତଃ ମେ'ରୁ ଜୁଲାଇ ମାସ ଭିତରେ ଏଠାରେ ସୂର୍ଯ୍ୟାସ୍ତ ଆଦୌ ହୁଏ ନାହିଁ , ଆଉ ଯଦି ବି ହୁଏ ତାହା ମଧ୍ୟ ରାତ୍ରିରେ ହୋଇ ମାତ୍ର ୪୦ ରୁ ୪୫ ମିନିଟ୍‌ର ବ୍ୟବଧାନ ପରେ ପୁଣିଥରେ ସୂର୍ଯ୍ୟୋଦୟ ହୋଇଯାଏ।

**ଫିନ୍‌ଲ୍ୟାଣ୍ଡ :** ଏକାଧିକ ଝରଣା ଓ ଦ୍ୱୀପର ଆକର୍ଷଣରେ ଆକର୍ଷିତ ଫିନ୍‌ଲ୍ୟାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ସତରେ ବେଶ୍ ନିଆରା ଲାଗେ। ତା'ଠୁ ଆହୁରି ନିଆରା ଲାଗେ ଏଠାରେ ସୂର୍ଯ୍ୟାସ୍ତ ହେଉ ନଥିବା ଘଟଣା ସମ୍ପର୍କରେ ଜାଣିଲେ। ଅର୍ଥାତ୍ ଖରାଦିନେ ଏଠାରେ ପ୍ରାୟ ୭୩ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟ ଅହରହ ନିଜର କିରଣ ବିଚ୍ଛୁରିତ କରିଥାନ୍ତି। କିନ୍ତୁ ଏହାର ଠିକ୍ ଓଲଟା ହୋଇଥାଏ ଶୀତଦିନେ। ଶୀତଦିନେ ଏଠାରେ ପ୍ରାୟତଃ ଅନ୍ଧାର ଘୋଟିକି ରହିଥାଏ। ସେଥିପାଇଁ ସ୍ଥାନୀୟ ଲୋକେ ଖରାଦିନେ କମ୍ ଓ ଶୀତଦିନେ ଅଧିକ ସମୟ ଶୋଉଥିବାର ଦେଖାଯାଏ। ତେବେ ଏହି ବିରଳ ଦୃଶ୍ୟ ଫିନ୍‌ଲ୍ୟାଣ୍ଡର ସେହି ସ୍ଥାନରେ ଦେଖାଯାଏ, ଯେଉଁଠାରେ କେବଳ ଆର୍କଟିକ୍ ସର୍କଲ ରହିଛି।

**ସ୍ୱିଡେନ୍ :** କିରୁନା ସ୍ୱିଡେନସ୍ଥିତ ଏମିତି ଏକ ସହର, ଯେଉଁଠାରେ ମେ'ରୁ ଅଗଷ୍ଟ ମାସ ମଧ୍ୟରେ ପ୍ରାୟତଃ ଖୁବ୍ କମ୍ ସମୟ ପାଇଁ ସୂର୍ଯ୍ୟାସ୍ତ ହେଉଥିବା ଦେଖିବାକୁ ମିଳିଥାଏ। ସୂଚନାନୁଯାୟୀ, ଏଠାରେ ସୂର୍ଯ୍ୟ ମଧ୍ୟରାତ୍ରିରେ ଅସ୍ତ ହୋଇ ପୁଣି ଭୋର୍ ୪ଟା ବେଳକୁ ଉଦୟ ହୋଇଥାନ୍ତି। ଏଭଳି ବିରଳ ଦୃଶ୍ୟକୁ ଉପଭୋଗ କରିବା ପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମୁଥିବା ମଧ୍ୟ ଦେଖିବାକୁ ମିଳେ।


**ଆଲାସ୍କା :** ମେ' ମାସ ଶେଷରୁ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଆଲାସ୍କାର ବାରୋ (ଯାହା ଉଟକିୟାଗୱିକ୍ ନାମରେ ମଧ୍ୟ ପରିଚିତ )ନାମକ ସହରରେ ସୂର୍ଯ୍ୟାସ୍ତ ହେଉ ନଥିବା ସୂଚନା ମଧ୍ୟ ରହିଛି। କିନ୍ତୁ ଏହାର କିଛିଦିନ ପରେ ଅର୍ଥାତ୍ ଶୀତଦିନେ ଠିକ୍ ଏହାର ଓଲଟା ଦେଖିବାକୁ ମିଳିଥାଏ। ଶୀତ ପଡିବା ମାତ୍ରେ ଏଠାରେ ପାଖାପାଖି ୩୦ ଦିନ ପର୍ଯ୍ୟନ୍ତ ଅନ୍ଧକାର ଘୋଟି ରୁହେ, ଯାହାକୁ ସାଧାରଣତଃ ପୋଲାର୍ ନାଇଟ୍ ବୋଲି କୁହାଯାଇଥାଏ।


**ଆଇସ୍‌ଲ୍ୟାଣ୍ଡ :** ଗ୍ରେଟ୍ ବ୍ରିଟେନ୍ ପରେ ଏହା ୟୁରୋପର ଦ୍ୱିତୀୟ ବୃହତ୍ତମ ଦ୍ୱୀପ ଭାବେ ଜଣାଶୁଣା। ତା'ଛଡ଼ା ଏହା ଏମିତି ଏକ ଦେଶ ଯେଉଁଠାରେ ମଶା ଖୁବ୍ କମ୍ ଦେଖାଯାଇଥାନ୍ତି ବୋଲି ସୂଚନା ମଧ୍ୟ ରହିଛି। କୁହାଯାଏ, ମୁଖ୍ୟତଃ ଜୁନ୍ ମାସରେ କୁଆଡେ ଆଇସ୍‌ଲ୍ୟାଣ୍ଡର କେତେକ ଅଞ୍ଚଳରେ ସୂର୍ଯ୍ୟ ଆଦୌ ଅସ୍ତ ହୁଅନ୍ତି ନାହିଁ। ରାତିରେ ବି ଏଠାରେ ସୂର୍ଯ୍ୟାଲୋକ ଏମିତି ଦେଖାଯାଏ, ଲାଗେ ସତେ ଯେମିତି ଦିନ ହୋଇଗଲାଣି। ଏଭଳି ବିରଳ ଦୃଶ୍ୟ ଦେଖିବାକୁ ହେଲେ ପର୍ଯ୍ୟଟକଙ୍କୁ ଏଠାକାର ଆର୍କଟିକ୍ ସର୍କଲରେ ଥିବା ଆକୁରେୟରୀ ସହର ଏବଂ ଗ୍ରୀମ୍‌ସୀ ଦ୍ୱୀପକୁ ବୁଲିଯିବାକୁ ହେବ।

**କାନାଡ଼ା:** ନୁନାବୁତ କାନାଡ଼ାର ଉତ୍ତରପଶ୍ଚିମ ପ୍ରଦେଶରେ ଥିବା ଆର୍କଟିକ୍ ସର୍କଲରୁ ମାତ୍ର ଦୁଇ ଡିଗ୍ରୀ ଉଚ୍ଚତାରେ ଥିବା ଏକ ସ୍ଥାନ, ଯେଉଁଠାରେ ପ୍ରାୟ ତିନି ହଜାର ଲୋକ ବସବାସ କରୁଥିବା ସୂଚନା ରହିଛି। ତଥ୍ୟ ଅନୁଯାୟୀ, ଏଠାରେ ଶୀତଦିନେ କୁଆଡ଼େ ପାଖାପାଖି ୩୦ ଦିନ ପର୍ଯ୍ୟନ୍ତ ଘନ ଅନ୍ଧକାର ଘୋଟିଯାଏ। ଅନ୍ୟପକ୍ଷେ ଗ୍ରୀଷ୍ମଋତୁରେ ପ୍ରାୟ ୨ ମାସ ପର୍ଯ୍ୟନ୍ତ ଏଠାରେ ୨୪ ଘଣ୍ଟା ସୂର୍ଯ୍ୟାଲୋକ ଦେଖାଯିବାର ବିରଳ ଦୃଶ୍ୟ ଅନୁଭବ କରିହୁଏ।











## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଜ୍ୟୋତି

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ-ଓଡ଼ିଶା ଫ୍ୟାଶନ ଭିଲା**

## ହାଃ ହାଃ

### ଚେନ୍

ହାଡୁ କାନ୍ଦୁଥିବାର ଦେଖି
ସନ୍ତୋଷ- କାହିଁକି କାନ୍ଦୁଛୁ ?
ହାଡୁ-ତୋରି ପାଇଁ।
ସନ୍ତୋଷ- ମୁଁ କ'ଣ କଲି ?
ହାଡୁ-କାଲି ତୁ ମତେ କହିଲୁ ସ୍ତ୍ରୀକୁ ଚେନ୍ କିଣିକି ଦେ' ଦେଖିବୁ ଖୁସି ହେବ। ହେଲେ ଚେନ୍ ଦେଖି ସେ ମତେ ଛାଡ଼ି ଚାଲିଗଲା।
ସନ୍ତୋଷ- ତୁ କ'ଣ ସୁନାର ନ ନେଇକି ରୁପା ଚେନ୍ ନେଇଥିଲୁ କି ?
ହାଡୁ- ନା। ସାଇକେଲ୍ ଚେନ୍ ନେଇଥିଲି।

### ଠିକ୍ ଅଛି

ରାଜେଶକୁ ପପୁ- ମୋ ସ୍ତ୍ରୀ କାଲି କୂଅରେ ପଡ଼ିଯାଇଥିଲା। ଜୋର୍‌ରେ ଚିଲେଇବାରୁ ମୁଁ ଜାଣିଲି।
ରାଜେଶ- ଏବେ ସେ ଠିକ୍ ଅଛନ୍ତି ତ ?
ପପୁ- ହଁ, ଠିକ୍ ଅଛି ବୋଧେ। କାଲିଠୁ କୂଅ ଭିତରୁ ଆଉ ଚିଲେଇବା ଶବ୍ଦ ଶୁଭୁନି।

### ଗ୍ୟାରେଣ୍ଟି

ମଣ୍ଟୁର ହାତ ଗୋଡ଼ ଭାଙ୍ଗିଯାଇଥାଏ। ଏହା ଦେଖି ଗୋପୀ- ତୋର ଏମିତି ଅବସ୍ଥା କେମିତି ହେଲା ?
ମଣ୍ଟୁ- ପଡ଼ୋଶୀଙ୍କ ଚାଇନିଜ୍ ସ୍ତ୍ରୀ କାଲି ମରିଗଲେ। ଆଉ ତାଙ୍କ ସ୍ୱାମୀ ମତେ ପିଟିଲେ।
ଗୋପୀ-ସେ ତତେ କାହିଁକି ପିଟିଲେ ?
ମଣ୍ଟୁ- ପଡ଼ୋଶୀ କାନ୍ଦିବାବେଳେ ମୁଁ ତାଙ୍କୁ ବୁଝଉଥିଲି ଯେ- 'ଦୁଃଖ କରନି, ଯାହା ହେଉ ଆପଣଙ୍କ ସମ୍ପର୍କ ୫ ବର୍ଷ ଚାଲିଲା। ନ ହେଲେ ତ ଚାଇନା ମାଲ୍‌ର କୌଣସି ଗ୍ୟାରେଣ୍ଟି ନ ଥାଏ।' ଏତିକି କହିଛି ସେମାନେ ପିଟିବା ଆରମ୍ଭ କରିଦେଲେ।







# ପୋବିଟୋରା

## ବନ୍ୟପ୍ରାଣୀ ଅଭୟାରଣ୍ୟ

**ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ପୋବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ପର୍ଯ୍ୟଟକ ଅନ୍ୟାନ୍ୟ ବନ୍ୟପ୍ରାଣୀ ତଥା ଶତାଧିକ ପ୍ରଜାତିର ପକ୍ଷୀଙ୍କୁ ଦେଖିବା ସହ ଫଟୋଗ୍ରାଫି ଓ ହାତୀ ପିଠିରେ ବସି ବୁଲିବାର ମଜା ମଧ୍ୟ ନେଇପାରିବେ...**

ଆସାମର ମୋରିଗାଓଁ ଜିଲା ଅନ୍ତର୍ଗତ ପୋବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟକୁ କେହି କେହି ପବିଟୋରା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ କହିଥାନ୍ତି। ପ୍ରାୟ ୩୮.୮ ବର୍ଗ କି.ମି. ପର୍ଯ୍ୟନ୍ତ ପରିବ୍ୟାପ୍ତ ଉକ୍ତ ଅଭୟାରଣ୍ୟରେ ମୁଖ୍ୟତଃ ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କୁ ଦେଖିବାକୁ ମିଳିଥାଏ। କିନ୍ତୁ ସମ୍ପୂର୍ଣ୍ଣ ୩୮.୮ ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳର କିଛି ଅଂଶ ଅର୍ଥାତ୍ ମାତ୍ର ୧୬ ବର୍ଗ କି.ମି. ପରିଧି ଭିତରେ ହିଁ ଏହି ଗଣ୍ଡାମାନେ ଦେଖାଯାଇଥାନ୍ତି। ତେବେ ତଥ୍ୟ ଅନୁଯାୟୀ, ପୋବିଟୋରାକୁ ୧୯୭୧ ମସିହାରେ ପ୍ରଥମେ ଏକ ସଂରକ୍ଷଣ କ୍ଷେତ୍ର ଭାବେ ଘୋଷଣା କରାଯାଇଥିବାବେଳେ ୧୯୮୭ରେ ଏହାକୁ ଏକ ବନ୍ୟପ୍ରାଣୀ ଅଭୟାରଣ୍ୟର ମାନ୍ୟତା ମିଳିଥିଲା।

### କ’ଣ ଦେଖିବେ

ପୋବିଟୋରା ଗୋଟିଏ ଶିଙ୍ଗ ଥିବା ଗଣ୍ଡାମାନଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ ହେଁ, ଏଠାରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଦେଖିହୁଏ। ଯେମିତିକି ଚିତାବାଘ, ଜଙ୍ଗଲୀ ଘୁଷୁରି, ବୋବାଉଥିବା ହରିଣ, ଜଙ୍ଗଲୀ ମଇଁଷି, ହାତୀ ଇତ୍ୟାଦି। ତା’ଛଡ଼ା ପ୍ରାୟ ୩୭୫ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏହା ଏକ ସୁରକ୍ଷିତ ଆବାସସ୍ଥଳୀ କହିଲେ ମଧ୍ୟ ଭୁଲ୍ ହେବନାହିଁ। ଏପରି କି ଶୀତଦିନେ ପାଖାପାଖି ଦୁଇ ହଜାରରୁ ଊର୍ଦ୍ଧ୍ୱ ଭ୍ରମଣକାରୀ ପକ୍ଷୀ ମଧ୍ୟ ଏଠାକୁ ଉଡି ଆସିଥାନ୍ତି, ଯାହା ହେଉଛି ଏଠାକାର ଏକ ନିଆରା ଆକର୍ଷଣ। ସେହିପରି ଏହି ଅଭୟାରଣ୍ୟ ଭିତରେ ବିଭିନ୍ନ ପ୍ରଜାତିର ସରୀସୃପଙ୍କୁ ଦେଖିବା ପାଇଁ ଏକ ସ୍ୱତନ୍ତ୍ର ଗ୍ୟାଲେରି ବି ତିଆରି କରାଯାଇଛି।

### କେବେ ଓ କେମିତି ଯିବେ

ଗୁଆହାଟିର ପୂର୍ବଦିଗରୁ ପୋବିଟୋରା ଅଭୟାରଣ୍ୟଟି ପ୍ରାୟ ୩୦ କି.ମି. ଦୂରରେ ଅବସ୍ଥିତ। ତେଣୁ ଗୁଆହାଟିରୁ ସଡ଼କପଥରେ ପ୍ରାୟ ୧ ଘଣ୍ଟାର ରାସ୍ତା ଅତିକ୍ରମ କରି ଗଲେ ପଡେ ଏହି ଅଭୟାରଣ୍ୟଟି। ତା’ଛଡ଼ା ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ମଧ୍ୟ ରହିଛି। ହେଲେ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଅକ୍ଟୋବରରୁ ମେ’ ହେଉଛି ଏଠାକୁ ଯିବା ପାଇଁ ଉପଯୁକ୍ତ ସମୟ। କାରଣ ଏହାପରେ ବର୍ଷାଦିନ ଆସିଯାଏ। ବର୍ଷାରେ ଗଲେ ଏଠାରେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାରେ ସମସ୍ୟା ଉପୁଜିଥାଏ।

### ହାତୀ ପିଠିରେ ବସି ବୁଲିବେ

ପୋବିଟୋରାରେ ଥିବା ହାତୀମାନଙ୍କ ପିଠିରେ ବସି ଅଭୟାରଣ୍ୟ ଭିତରେ ବୁଲିବାର ମଜା ହିଁ କିଛି ନିଆରା। ଏଥିପାଇଁ କିଛି ଶୁଳ୍କ ଦେବାକୁ ହୋଇଥାଏ। ତା’ଛଡ଼ା ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ପ୍ରକାରର ବୃକ୍ଷଲତା ବି ଏଠାକାର ପରିବେଶକୁ ବେଶ୍ ମନୋରମ କରିଥାଏ। ତେଣୁ ସହରର ଜନଗହଳିପୂର୍ଣ୍ଣ ପରିବେଶରୁ କିଛିକ୍ଷଣ ପାଇଁ ବାହାରି ଆସି ଏଭଳି ଏକ ଶାନ୍ତ ବାତାବରଣରେ ସମୟ କଟାଇବାକୁ ପ୍ରାୟତଃ ପର୍ଯ୍ୟଟକଙ୍କର ଗହଳି ଏଠାରେ ଲାଗିଥାଏ।







### ଫଟୋଗ୍ରାଫିର ମଜା ନେବେ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଅଭୟାରଣ୍ୟଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖିଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଉଦ୍ୟାନରେ ଥିବା ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ।








# ସବୁଠୁ ସୁନ୍ଦର ମଶା

ମଶା ମଣିଷର ବଡ଼ ଶତ୍ରୁ । ତାକୁ କେହି ଭଲ ପାଆନ୍ତି ନାହିଁ । ଆଉ ଦେଖିବା ମାତ୍ରେ ତାକୁ ଗୋଡ଼ାଇ ଗୋଡ଼ାଇ ମରାଯାଏ । ହେଲେ ଜାଣନ୍ତି କି ଏମିତି ଏକ ପ୍ରଜାତିର ମଶା ଅଛି, ଯାହା ଦେଖିବାକୁ ବେଶ୍ ସୁନ୍ଦର । ଆଉ ସେ ସବୁଠାରୁ ସୁନ୍ଦର ମଶାର ମାନ୍ୟତା ବି ପାଇଛି । ଉକ୍ତ ମଶାର ନାଁ ହେଉଛି 'ସାବେଥେସ୍ ସ୍ୟାନ୍ୟୁଅସ୍' । ଏହି ମଶାର ରଙ୍ଗ ରୂପ ଏମିତି ଯେ, ଦେଖିବା କ୍ଷଣି ତାକୁ ହାତ ଉଠାଇ ମାରିବାକୁ ଇଚ୍ଛା ହେବ ନାହିଁ । ବରଂ ଘଡ଼ିଏ ଦେଖିବାକୁ ଇଚ୍ଛା ହେବ । ଦକ୍ଷିଣ ଆମେରିକାର ଉଷ୍ମ ଜଙ୍ଗଲରେ ଦେଖାଯାଉଥିବା ମଶା ନିଜର ସୌନ୍ଦର୍ଯ୍ୟ ପାଇଁ ପରିଚିତି ପାଇଛି । ସାଧାରଣତଃ ମଶା କଳା ଅବା ଧୂସର ରଙ୍ଗର ହୋଇଥାନ୍ତି । କିନ୍ତୁ ଏହି ମଶା ଗାଢ଼ ନୀଳ ରଙ୍ଗର । ତା'ର ଗୋଡ଼ରେ ଛୋଟ ଛୋଟ ପର ଲାଗିଥାଏ । ଏହି ପର ଦେଖିବାକୁ ମୟୂର ପିଚ୍ଛ ଭଳି । ସେଥିପାଇଁ ଏହି ମଶା ବେଶ୍ ଆକର୍ଷକ ଲାଗେ । ଏହି ମଶା ବେଶ୍ ଚଞ୍ଚଳ ମଧ୍ୟ । ତେଣୁ ଏହାର ଫଟୋ ଉଠାଇବା ବେଶ୍ କଷ୍ଟକର । ସାମାନ୍ୟ ଗତିବିଧି, ଏମିତି କି କ୍ୟାମେରା ଲାଇଟ୍‌ରେ ବି ଏହି ମଶା ଉଡ଼ିଯାନ୍ତି ।

## କାର୍ଟୁନ କର୍ନର



ଓଁ ଅଭିଜ୍ଞାନ ସାହୁ

# ଯା ଦେବୀ ସର୍ବ ପେଣ୍ଡାଲେ...

କଥା ଚାଟ୍



ଆଜି ବିଦ୍ୟାନଗରୀର ଗ୍ରାମଦେବୀଙ୍କ ମନ୍ଦିର ବେଢ଼ାରେ ନରିଆ ଭାଇଙ୍କ ଅଧକ୍ଷତାରେ ଏକ ମିଟିଂ ବସିଥିଲା । ଏଥରର ପ୍ରସଙ୍ଗ ଥିଲା ସମ୍ପ୍ରତି ଦୁର୍ଗାପୂଜା ପାଇଁ ସରକାର କରିଥିବା ବିଭିନ୍ନ କଟକଣା । ସଭା ଆରମ୍ଭରୁ ଯୁବକ ସଂଘର କର୍ମକର୍ତ୍ତାମାନଙ୍କ ଗରମା ଗରମ ମିଶାଇଲ ଫୋପଡାରେ ସଭାସ୍ଥଳ ସରଗରମ ହୋଇଉଠିଲା । ଗ୍ରାମର ଯୁବକମାନେ ଦୁର୍ଗାପୂଜା କମିଟିର ବୟସ୍କମାନଙ୍କ ଉପରେ ମନଇଚ୍ଛା ବର୍ଷିଗଲେ । ତାଙ୍କର ଯୁକ୍ତି ଥିଲା ଏ ବୁଢ଼ା ମୁରବିମାନେ ସରକାରଙ୍କ ଆଦେଶକୁ ମୁଣ୍ଡପାତି ମାନିନେଇ ବଡ଼ ଭୁଲ କରିଛନ୍ତି । ଆରେ ବର୍ଷକୁ ଥରେ ପୂଜା, ସେଥିରେ ପୁଣି ଏତେ ନିୟମ କାନୁନ । ଏ ସରକାର ଶିବ ବିରୋଧୀ ବୋଲି ନିଜକୁ ପ୍ରମାଣିତ କରିସାରିଲେଣି । ରଥଯାତ୍ରାକୁ ଅନୁମତି ମିଳିଲା । ଜଗନ୍ନାଥ ତାଙ୍କ ପରିବାର ସହ ଯାତ୍ରା କଲେ । ଶିବଙ୍କ ବେଳକୁ ସବୁ କଟକଣା କ'ଣ ପାଇଁ ? ବୋଲ୍ ବମ୍ ବନ୍ଦ, ଗଣେଶ ପୂଜା ବନ୍ଦ, ଦୁର୍ଗା ପୂଜା ବନ୍ଦ । ଆଗକୁ କାର୍ତ୍ତିକେଶ୍ୱର ପୂଜା କ'ଣ ହେବ ଏବେଠୁ ଜଣା ପଡ଼ିଲାଣି । ଦେଶରେ ଏ ପରିବାର ପ୍ରିୟାପ୍ରୀତି ଆଉ ଚଳିବନି । ଯଦି ଚଳିବ ତେବେ ରାସ୍ତାରେ ନିଆଁ ଜଳିବ । ତୁମେମାନେ ଯଦି ପାରୁନ ତେବେ ଗାଦି ଛାଡ଼ । ଆମମାନଙ୍କୁ ଆଗକୁ ଆସିବାକୁ ଦିଅ ଦେଖିବ ଆମେ କେମିତି ପୂଜା କରୁଛୁ । କେତେ ସରକାର ଆସିଲେଣି ଗଲେଣି, କେତେ ବେମାର ଆସିଲାଣି ଗଲାଣି । ଯେଉଁ ପୂଜା ହେବା କଥା ହେଉଛି ନା ନାହିଁ ।

ନରିଆ ଭାଇ ଦେଖିଲେ ପରିସ୍ଥିତି ଅଣାୟତ୍ତ ହେଲାଣି । ଆଜିକାଲିର ଛୁଆ ନିଜ ହାତରେ ନିଜେ ଚଉଦପା । ଏମାନଙ୍କ ମନ ନେଇ କାମ ନ କଲେ ନିଜ ମୁରବିପଣିଆକୁ ଖତରା । ଉପରକୁ ପୁଣି ଦେହରେ ମୁଣ୍ଡରେ ବସିବା ସାର ହେବ । ନରିଆ ଭାଇ ସମସ୍ତଙ୍କୁ ଶାନ୍ତ ହେବାକୁ ଅନୁରୋଧ କରି କହିଲେ 'ଆମକୁ ଏମିତି କିଛି ଚିନ୍ତା କରିବାକୁ ପଡ଼ିବ ଯେମିତି ସାପ ମରିବ କିନ୍ତୁ ବାଡ଼ି ଭାଙ୍ଗିବନି । ସରକାରଙ୍କ ନିୟମ ଭିତରେ ରହି କେମିତି ଆମେ ଆମ ମୁତାବକ ପୂଜା କରିବା ସେ ବିଷୟରେ ଚିନ୍ତା କର । କାହାପାଖରେ ଯଦି କିଛି ଉପାୟ ଅଛି କୁହ ।'' ଏଥର ସମସ୍ତେ ଗ୍ରାମର ନାମକରା ବାଣୀପୁରୁଷ ପିନୁଆ ଆଡେ ଅନେଇଲେ । ଖାସ ତାରି ପାଇଁ ଏ ବର୍ଷ ଅଗଷ୍ଟ ପନ୍ଦରକୁ ଗ୍ରାମର ଇଜ୍ଜତ ରହିଗଲା । ଏବେ ବିଦ୍ୟାନଗରୀରେ ତା'ର ଖାତିର କାହିଁରେ କ'ଣ । ଗ୍ରାମର ମୁଖ୍ୟ ମାମଲକାର ଖୋଦ ନରିଆ ଭାଇ କେତେଥର କହିଲେଣି ଟୋକାଟା ସିନା ଦେଖିବାକୁ ନଡ଼ନଡ଼ିଆ ହେଲେ ମୁଣ୍ଡରେ ଭେଜା ଭର୍ତ୍ତି । ଟ୍ୟାଲେଣ୍ଟେଡ଼ ଛୁଆଟା । ଆଗରୁ ସଭାରେ ପଛରେ ବସୁଥିବା ପିନୁଆ ଏବେ ନରିଭାଇଙ୍କ ସାଇଡ଼ରେ ବସୁଛି ।

ପିନୁଆ ବୋଧେ ଅପେକ୍ଷା କରିଥିଲା, ଟିକେ ସଳଖେଇ ବସି କହିବା ଆରମ୍ଭ କଲା, ''ସରକାର ଦୁର୍ଗାଙ୍କ ମୂର୍ତ୍ତି ଚାରିଫୁଟ ହେବ କହିଛନ୍ତି । ମହିଷାସୁର ମୂର୍ତ୍ତି ବିଷୟରେ କିଛି ନିର୍ଦ୍ଦିଷ୍ଟ ଉଚ୍ଚତା କୁହାହେଇନି । ଆମେ ଦୁର୍ଗାଙ୍କ ମୂର୍ତ୍ତି ଚାରିଫୁଟ କରିବା ହେଲେ ମହିଷାସୁର ମୂର୍ତ୍ତି ଦଶ ଫୁଟ ରହିବ ।'' ପଛରୁ କିଏ ଜଣେ କହିଲା,- ''ଏମିତି ହେଲେ ମୂର୍ତ୍ତି କ'ଣ ସୁନ୍ଦର ଦିଶିବ'' । ପିନୁଆ ଛେପ ଢୋକି ପୁଣି ଆରମ୍ଭ କଲା '' ଦେଖ ଆଜିକାଲି ଯିଏ ଯେତେ ନୂଆ ଆଇଡିଆରେ ମୂର୍ତ୍ତି କରିବ ସେ ସେତେ ପପୁଲାର ହେବ । ଆଗରୁ ଗଣେଶଙ୍କ ଚଷମା ଜିନ୍ ପ୍ୟାଣ୍ଟ ପିନ୍ଧି ମୋଟର ସାଇକେଲରେ ବସିଥିବା ମୂର୍ତ୍ତିକୁ ଲୋକେ ବିରୋଧ କରୁଥିଲେ, ଏବେ ଏ ସବୁ ଦେହସୁହା ହୋଇଗଲାଣି । ଲୋକେ ଖୋଜି ଖୋଜି ଏମିତିକା ମୂର୍ତ୍ତି ଦେଖିବାକୁ ଯାଉଛନ୍ତି । ଖବରକାଗଜ ବାଲା ଏଭଳି ମୂର୍ତ୍ତିର ଫଟୋ ବେଶି ଛାପୁଛନ୍ତି । ଏମିତିରେ ଦେଖିବାକୁ ଗଲେ ଆଜି ମହିଷାସୁରର ଖାତିର ସମାଜରେ ଦୁର୍ଗାଙ୍କ ଠାରୁ କାହିଁ କେତେ ଉଚ୍ଚରେ । ଏବେକାର ଦୁର୍ଗା ନିଛାଟିଆ ଜାଗାରେ ମହିଷାସୁରକୁ ଦେଖିଲେ ପ୍ରମାଦ ଗଣୁଛନ୍ତି । ସଭା ସମିତି ଉଦ୍‌ଘାଟନ ଉତ୍ସବ ଇତ୍ୟାଦିରେ ଯେଉଁଠି ଦେଖ ମହିଷାସୁରମାନେ ସମ୍ମାନିତ ଅତିଥି । ଦୁର୍ଗାମାନେ ସେମାନଙ୍କୁ ତିଳକ ଲଗେଇ ବେକରେ ହାର ପକେଇ ମଞ୍ଚକୁ ପାଛୋଟି ନେଉଛନ୍ତି । ନୂଆ ଡିଜାଇନର ମୂର୍ତ୍ତି ହେଲେ ଖବରକାଗଜ ବାଲା ଆମର ବେଶି ପ୍ରଚାର କରିବେ ।'' ନରିଆ ଭାଇ ପିନୁଆ ପିଠିକୁ ଥାପୁଡ଼େଇ କହିଲେ ''ସେଇଥିପାଇଁ ତ ଫିଲ୍ମରେ ଭିଲେନମାନଙ୍କ ଭାଉ ବେଶି ।'' ଏତେବେଳ ଯାଏ ସବୁ ଚୁପ୍‌ଚାପ୍ ଶାନ୍ତର ସହ ଶୁଣୁଥିବା ଯୁବକସସଂଘ ସେକ୍ରେଟାରି ସନ୍ତୁଆର ଧୈର୍ଯ୍ୟ ଭଙ୍ଗ ହେଲା । ସେପଟୁ ଚିଲେଇଲା 'ଓହୋ ରଖ ମ ତମ ମୂର୍ତ୍ତି ଫୁର୍ତ୍ତି କଥା । ମୂର୍ତ୍ତି ହେଉ କି ନ ହେଉ କିନ୍ତୁ ଭସାଣି ଯାତ୍ରା ହେବ କି ନାହିଁ ସେଇଟା କୁହ । ବିନା ଭସାଣିରେ କି ପୂଜା ଜମିଲାଣି ନା କେବେ ଜମିବ । ସମସ୍ତଙ୍କ ପାଇଁ ସମ୍ବଲପୁରୀ ଗାମୁଛା ସହ କର୍ପୂର ହାର ହେବ । ପାଞ୍ଚ ପଚାଶ ପଛେ ଖର୍ଚ୍ଚ ହଉ ଶ୍ରୀକାକୁଲମରୁ ବ୍ୟାଣ୍ଡ ପାର୍ଟି ସହ ଟାଙ୍ଗୁ ଓ ଢୋଲକ ବାଜା ରହିବ । ଆମ ମେଢ଼ ପାର୍ବତୀପୁର ଏରିଆ ଭିତର ଦେଇ ଯିବ ମାନେ ଯିବ । ତାଙ୍କ ଦେବୀଘର ସାମ୍ନାରେ ବନଟି ବୁଲିବ । ଦେଖିବି କୋଉ ପୋଲିସ ମୋର କ'ଣ ଉଖାଡିବେ । ଜାନ୍ ଯାଉ ପଛେ ମାନ୍ ରହୁ ।'' ସଭାରେ ଉପସ୍ଥିତ ଯୁବକସଂଘର ସଭ୍ୟମାନଙ୍କ ତାଳିମାଡ଼ରେ ଏରିୟା କମ୍ପିଲା । କେହି କେହି ପାର୍ବତୀପୁର ମୁଖିଆଙ୍କ ଚଉଦପୁରୁଷ ନାଁ ନେଇ ଅଶ୍ରାବ୍ୟ ଭାଷାରେ ମନ୍ତବ୍ୟ ଦେଲେ । ନରିଆ ଭାଇ ହାତ ହଲେଇ ସମସ୍ତଙ୍କୁ ଚୁପ ବସିବାକୁ ତାଗିଦ କରି କହିଲେ, ''ସରକାରଙ୍କ ପାଖରେ ଶାନ୍ତିକମିଟି ସମସ୍ତ କୋଭିଡ ନିୟମ ମାନି ପୂଜା ସମ୍ପନ୍ନ କରିବ ବୋଲି ଲିଖିତ ଅନୁରୋଧ କରିଛି । ଉପର ସ୍ତରରେ ବିଚାର ବିମର୍ଶ ଚାଲିଛି । ଧୈର୍ଯ୍ୟଧର । ଏମିତି ଛାନିଆ ହେଲେ କ'ଣ ହେବ । ସରକାରଙ୍କ ହାତରେ କ'ଣ ଆଉ କଥା ଅଛି । ଏବେ ସବୁ କୋର୍ଟ ଉପରେ ରହିଛି । କୋର୍ଟ ଯାହା କହିବ ତାକୁ ସମସ୍ତେ ମାନିବାକୁ ବାଧ । ଏଯାଏ ମୂର୍ତ୍ତି କଥା ଛିଣ୍ଡିନି ତୁମର ଭଷାଣି ଚିନ୍ତା ହେଲାଣି ।'' ପଛରେ ଭାଙ୍ଗ ଟେକା ପକେଇ ଘୁମଉ ଥିବା ବେନୁଆଦି କହିଲେ, କେତେ ଜଜ୍ ମାଜିଷ୍ଟର ଆଇଲେଣି, କେତେ ଗଲେଣି ସେଇ କଚେରି ପଡିଛି ନା ନାହିଁ । ଫି ସାଲ ଏମିତି କେତେ ନିୟମ ହେଲାଣି ଭାଙ୍ଗିଲାଣି, ପୂଜା ହେବା କଥା ହେଉଛି ନା ନାହିଁ । ଦୁଇ ବର୍ଷ ହେଲାଣି ଛୁଆ ସବୁ ଘରେ ବସି ବସି ତାଙ୍କ ଗୋଡ଼ ହାତ କାଉନ୍ଦା ହୋଇଗଲାଣି । ନୀତି ନୂଆ ଡିଜାଇନ୍‌ର ଡ୍ରେସ ପିନ୍ଧି ସହର ଯାକ ଚକ୍କର କାଟୁଥିବା ପିଲାମାନେ ସରକାରଙ୍କ କଥା ମାନି ହାପ୍‌ପେଣ୍ଟରେ ଦିନ କାଟୁଛନ୍ତି ପଛେ ଆଦେଶକୁ ବିରୋଧ କରିନାହାନ୍ତି । ଏଣୁ ସରକାର ବି ପାଦେ ଆଗେଇଆସି ପିଲାମାନଙ୍କ କଥା ଭାବନ୍ତୁ । ଛୁଆମାନେ ଯଦି ମନ କରିଛନ୍ତି ତାହାହେଲେ ମୂର୍ତ୍ତି ପୂଜା ପଛେ ବନ୍ଦ ହେଉ ହେଲେ ଛୁଆମାନଙ୍କ ପାଇଁ ଭଷାଣି ଯାତ୍ରାଟା ହେଉ । ସରକାର କହୁଛି ଦେବୀ ବିସର୍ଜନ ଶୋଭାଯାତ୍ରା ହେବନି । ହଉ ହେଲା, ଆମେ ଭସାଣିରେ ଦେବୀଙ୍କ ମୂର୍ତ୍ତି ନେବାନି । ବିନା ଦେବୀରେ ହେଉଥିବା ଶୋଭାଯାତ୍ରାକୁ କ'ଣ ବିସର୍ଜନ ଶୋଭାଯାତ୍ରା କୁହାଯିବ କି ? '' ଜଣେ ପଚାରିଲା ''ଦାଦି, ଦୁରୁଗା ମୂର୍ତ୍ତିତ ଯିବେନି ଆମେ ଭସେଇବୁ କାହାକୁ ।'' ବେନୁଆଦି ଚଟାପଟ ଉତ୍ତର ଦେଲେ, ''ଆରେ ମୂର୍ତ୍ତି ନାହିଁ ବୋଲି କ'ଣ ଦେବୀଙ୍କ ଘଟ ଆଉ ଛଡାଫୁଲ ନାହିଁ ? ସେସବୁ ମେଢ଼ରେ ଥୁଆହୋଇ ଯିବ । ବିସର୍ଜନ ହେବ ।'' ଯାହାକୁହ ବେନୁଆଦିଙ୍କ କଥା ସମସ୍ତଙ୍କ ମନକୁ ପାଇଲା । ଶେଷରେ ଏହି ନିଷ୍ପତ୍ତି ହେଲା ଯେ ଦୁର୍ଗାଙ୍କ ମୂର୍ତ୍ତି ଚାରିଫୁଟିଆ ହେବ ଓ ମହିଷାସୁର ମୂର୍ତ୍ତି ଦଶ ଫୁଟିଆ ହେବ । ବିନା ଦେବୀଙ୍କ ମୂର୍ତ୍ତିରେ ଭସାଣି ଶୋଭାଯାତ୍ରା ହେବ । ସନ୍ଧ୍ୟା ଆସନ୍ନ ହେତୁ ଗ୍ରାମଦେବୀଙ୍କ ମନ୍ଦିର ବେଢ଼ାରେ ବସିଥିବା ସଭା କାର୍ଯ୍ୟ ସରିଲା । ତେଣେ ମନ୍ଦିର ଭିତରେ ନନା ଆଳତି ସମୟରେ ମନ୍ତ୍ରୋଚ୍ଚାରଣ କରୁଥାନ୍ତି- ଯା ଦେବୀ ସର୍ବ ପେଣ୍ଡାଲେ ଖର୍ବ ରୂପେଣ ସଂସ୍ଥିତା.......


*-ବନମାଳୀ ଭବନ, ଖାନନଗର, କଟକ, ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଡିସେମ୍ବର ଫୁଲ

**ଲେଖକ – ଅରବିନ୍ଦ ଦାସ, ପ୍ରକାଶକ– ବିଦ୍ୟା ପବ୍ଲିଶିଙ୍ଗ, ଟରେଣ୍ଟୋ, କାନାଡା, ମୂଲ୍ୟ–୧୯୦**

'ଡିସେମ୍ବର ଫୁଲ' ଗାଳ୍ପିକ ଅରବିନ୍ଦ ଦାସଙ୍କ ଗଳ୍ପ ସଙ୍କଳନ । ଏଥିରେ ୨୫ଟି ଗପ ସ୍ଥାନିତ ହୋଇଛି । କିନ୍ତୁ ଶେଷ ଗପର ନାଁ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି । ଡିସେମ୍ବର ମାସ ଶୀତରେ ବିଭିନ୍ନ କିସମର ଫୁଲ ଫୁଟିଥାଏ । ଶୀତୁଆ ସକାଳରେ ସେବତୀ, ଗେଣ୍ଡୁ, ଡାଲିଆ, ଜିନିଆ, ପିଟୁନିଆ, ଆଷ୍ଟର, ଆନ୍ଥୁରିଅମ୍ ସହିତ ଗୋଲାପ ଓ ସୂର୍ଯ୍ୟମୁଖୀ ଆଦି ଫୁଲ ବିଷୟରେ ପୁସ୍ତକରେ ବର୍ଣ୍ଣନା କରାଯାଇଛି । ଏଥିରେ ବନାନୀ ମୁଖ୍ୟ ଚରିତ୍ର ଭାବେ ରହିଛି ।





ସେବତୀ ବନାନୀର ସାଙ୍ଗ । ତା କଥା ଏଠାରେ ନିଚ୍ଛକ ଭାବେ ଲେଖକ ବର୍ଣ୍ଣନା କରିଛନ୍ତି । ପ୍ରଥମ ଗପଟି ହେଉଛି 'ଶେଷ ଇଚ୍ଛା' । ହୃଦାନନ୍ଦ ବାବୁ କିଭଳି ତାଙ୍କ ଡାଏରୀରେ କରୋନା ରୋଗୀଙ୍କ ଦୁଃଖକୁ ବର୍ଣ୍ଣନା କରିଛନ୍ତି, ତାହା ତାଙ୍କ ପୁଅ ବିଜୟ ଓ ବୋହୂ ଶିଖାଙ୍କୁ ଆଶ୍ଚର୍ଯ୍ୟ କରିଛି । ଡାଏରୀ ପଢ଼ିଲା ପରେ ଦୁହେଁ ଚକିତ ହୋଇଛନ୍ତି । ଯାହା 'ଶେଷ ଇଚ୍ଛା' ଗପରେ ଚମତ୍କାର ଭାବେ ଲେଖକ ଜୀବନ୍ତ କରିଛନ୍ତି । ଆଶା ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ।

### ବରଗଛ

**ଲେଖକ– ଡ. ଦୟାସିନ୍ଧୁ ପରିଡ଼ା, ପ୍ରକାଶକ–ବନଫୁଲ ପବ୍ଲିକେଶନ, କଟକ, ମୂଲ୍ୟ–୧୩୦**


'ବରଗଛ' କବିତା ପୁସ୍ତକର ଲେଖକ ଡ. ଦୟାସିନ୍ଧୁ ପରିଡ଼ା । ବରଗଛକୁ ନେଇ ସେ ୧୧୩ଟି କବିତା ଲେଖିଛନ୍ତି । ଗାଁ, ସହର, ଘରପଛ, ମାମୁଘର ଗାଁ, ଚାଟଶାଳୀ, ପାନ୍ଥଶାଳା ସବୁଠି ବରଗଛ କହିଛି ମଣିଷର ବାଲ୍ୟରୁ ବାର୍ଦ୍ଧକ୍ୟ କାହାଣୀ । ଜୀବନ ଜିଇଁବା ପାଇଁ କେଉଁଠି ସ୍ୱାର୍ଥପର ହୋଇଛି ମଣିଷ, କେଉଁଠି ସମର୍ପି ଦେଇଛି ନିଜକୁ ବରଗଛ ପରି । କେବେ ଗୁମୁରି କାନ୍ଦିଛି ତ କେତେବେଳେ ହସ ରୋଳରେ ହଜାଇ ଦେଇଛି ନିଜକୁ । ବାସ୍ତବରେ ଡ. ପରିଡ଼ାଙ୍କ ବରଗଛ ଏକ ଅନନ୍ୟ ସାରସ୍ୱତ ସମ୍ଭାର । ସେ ପ୍ରତି ବରଗଛ ହୋଇ ମା'ର ମମତା ବିଳମ୍ବରେ ବୁଝୁ କି ପ୍ରେମ ପରଶୁ, ବୁଢ଼ା ହୋଇ ଯନ୍ତ୍ରଣା ଭୋଗୁ, ମଲାପରେ ମାଟିରେ ମିଶୁ । ତଥାପି ମଲା ପରେ ବି ସମସ୍ତଙ୍କୁ ବାଣ୍ଟି ହୋଇଯାଉ ତା' ଶରୀରରୂପୀ ସମ୍ପତ୍ତି ଭାଗ ହୋଇ । ବଞ୍ଚିଛି ଅନ୍ୟ ପାଇଁ, ବଞ୍ଚାଇଛି ଅନ୍ୟକୁ, ତା' ଡାଳପତ୍ର, ଶାଖା, ପ୍ରଶାଖା, ତା' ସମର୍ପିତ ଅମ୍ଳଜାନ ମଣିଷକୁ ଅର୍ପଣ କରିଛି ଅଜସ୍ର ସୁଖ ସମୃଦ୍ଧି । ବାସ୍ତବରେ କବିଙ୍କ ମନର କଥା ହୃଦୟର ଭାଷା, ଜୀବନର ଅଭିଜ୍ଞତାରେ ପରିପୁଷ୍ଟ ।




### ଗପ ହେଲେ ବି ସତ

**ଲେଖକ – ଗଦାଧର ପାତ୍ର, ପ୍ରକାଶକ– ଗଞ୍ଜାମ କବିତା ଘର ଲିଟେରାରି ଟ୍ରଷ୍ଟ, ବ୍ରହ୍ମପୁର,ମୂଲ୍ୟ–୧୦୦**

'ଗପ ହେଲେ ବି ସତ' ଗଦାଧର ପାତ୍ରଙ୍କ ଗଳ୍ପ ସଙ୍କଳନ । ଏଥିରେ ଥିବା ଗପଗୁଡ଼ିକ ଅନୁଭୂତିସମ୍ପନ୍ନ, ଯାହା ଜୀବନ ସହ ଯୋଡ଼ି ହୋଇଯାଏ ସହଜରେ । କାରଣ ଅନୁଭୂତି ଅନୁଭବ ଜଡ଼ିତ କାହାଣୀ ପାଲଟେ ପ୍ରେରଣାପ୍ରଦ । ନାମକରଣ ଅନୁସାରେ ଜୀବନର ପ୍ରେରଣାପ୍ରଦ ଘଟଣା, ଯାହା ଗପ ଭାବେ ପ୍ରସ୍ତୁତ କରାଯାଇଛି । ଆନନ୍ଦ, ବିଶାଦ, ସରଳ ଓ ଜଟିଳ ଅନୁଭୂତି ମାନସପଟରେ ଗୁଞ୍ଜରି ଉଠି ଲେଖକଙ୍କ ମନକୁ ଆନ୍ଦୋଳିତ କରିଛି । ସେ ସବୁକୁ ରୂପରେଖ ଦେବାକୁ ଯାଇ ଲେଖକ ଲେଖି ବସନ୍ତି ଅନୁଭବର ଅଙ୍ଗେନିଭା କଥା । ଯାହାକୁ ଆତ୍ମଜୀବନୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଳ୍ପରେ ସାମାଜିକ ଅଙ୍ଗୀକାରବଦ୍ଧତା ଓ ଚରିତ୍ରରେ ଜୀବନର ପ୍ରତିବଦ୍ଧତା ହିଁ ପ୍ରସିଦ୍ଧି ଦିଏ ଗଳ୍ପ ଓ ଗାଳ୍ପିକଙ୍କୁ । ଚମତ୍କାର ଆରମ୍ଭ ଏବଂ ବାନ୍ଧି ରଖିଲା ଭଳି ବର୍ଣ୍ଣନା ଓ ଅପ୍ରତ୍ୟାଶିତ ଶେଷ ହିଁ ଭଲ ଗଳ୍ପର ପରିଭାଷା ବୋଲି ବିବେଚନା କରାଯାଇଛି । ଆଶା ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ।



# ଝାଳ ବହେ ଦେବୀ ମା'ଙ୍କର

ପୃଥିବୀରେ ଅନେକ ରହସ୍ୟ ଭରି ରହିଛି । କିଛି ରହସ୍ୟ ଉପରୁ ଅନେକ ସମୟରୁ ପରଦା ଉଠିଯାଇଥାଏ । ହେଲେ ଆଉ କିଛି ରହସ୍ୟ ସବୁବେଳ ପାଇଁ ରହସ୍ୟ ହୋଇ ରହିଯାଏ । ଭାରତରେ ଏମିତି କିଛି ରହସ୍ୟ ଅଛି ; ଯାହା ଆଜି ମଧ୍ୟ ରହସ୍ୟ ହୋଇ ରହିଛି । ସେଥିମଧ୍ୟରେ କେତେକ ମନ୍ଦିରର ରହସ୍ୟ ବି ରହିଛି । ସେମିତି ଏକ ମନ୍ଦିର ହେଉଛି ମଧ୍ୟପ୍ରଦେଶ ଜବଲପୁରରେ ଥିବା ମା' କାଳୀଙ୍କ ମନ୍ଦିର । ଏଠାରେ ମାନ୍ୟତା ରହିଛି ଯେ, ଦେବୀ ମା'ଗରମକୁ ବରଦାସ୍ତ କରିପାରନ୍ତି ନାହିଁ । ତେଣୁ ତାଙ୍କ ଶରୀରରୁ



ଝାଳ ବହେ । ଖାସ୍ ସେଥିପାଇଁ ଏହି ମନ୍ଦିରରେ ଦେବୀ ମା'ଙ୍କ ପାଇଁ ଏୟାରକଣ୍ଡିଶନର୍ ଅହରହ ଚଲା ଯାଇଥାଏ । ଏହି ମନ୍ଦିରରେ ଥିବା ମା'ଙ୍କ ମୂର୍ତ୍ତି ୬୦୦ ବର୍ଷ ପୁରାତନ । ଏହାକୁ ଗୋଣ୍ଡୱାନା ସାମ୍ରାଜ୍ୟ ସମୟରେ ସ୍ଥାପନ କରାଯାଇଥିଲା । ସେବେଠାରୁ ଏହି ମାନ୍ୟତା ପ୍ରଚଳିତ ହୋଇ ଆସୁଛି । ସେହିଭଳି ହିମାଚଳ ପ୍ରଦେଶର ଭାଲେଇ ମାତାଙ୍କ ମନ୍ଦିରରେ ବି ଲୋକକଥା ପ୍ରଚଳନ ଅଛି ଯେ, ମା'ଙ୍କର ଝାଳ ବହେ । ଆଉ ଏହି ଝାଳ ବହିବା ସମୟରେ ଭକ୍ତମାନେ ଯାହା ମନୋସ୍କାମନା କରନ୍ତି ତାହା ପୂରଣ ହୋଇଯାଏ ।




ବ୍ୟାକ୍ ପେଜ୍



# ବୁକ୍ ଆର୍ଟ

ବହି ପଢ଼ିବା ଅନେକଙ୍କର ଅଭ୍ୟାସ ଥାଏ । ସେମାନଙ୍କ ପାଇଁ ବହି ଅବସରର ସାଥୀଟିଏ । ତେବେ ଏହି ବହିକୁ ନେଇ ଯେ ସୁନ୍ଦର କଳାକୃତି ଗଢ଼ି ହେବ ତାହା ଅନେକେ ଜାଣି ନ ଥିବେ । ଏଲିଜାବେଥ୍ ସାଗାନ୍ ନାମ୍ନୀ ଜଣେ ପୁସ୍ତକପ୍ରେମୀ ବହିରେ ତିଆରି କରୁଛନ୍ତି ଏମିତି କିଛି ନିଆରା କଳାକୃତି ; ଯାହାକୁ ଦେଖିଲେ ଲାଗେ ସତେ ଯେମିତି ସେଗୁଡ଼ିକ ଗୋଟେ ଗୋଟେ ସୁନ୍ଦର ଆର୍ଟପିସ୍ । ୨୦୧୬ରୁ ସେ ଏଭଳି କଳାକୃତି କରି ଆସୁଛନ୍ତି । ଏବେ ତାଙ୍କର ଇନ୍‌ଷ୍ଟାଗ୍ରାମରେ ୨୦୦ହଜାର ଫଲୋୟର ଅଛନ୍ତି । ଏଲିଜାବେଥ୍ ଏତେ ବହି ପଢ଼ନ୍ତି ଯେ, ତାଙ୍କର ଏକ ଲାଇବ୍ରେରୀ ଅଛି । ସେ ଏହି ବହିଗୁଡ଼ିକୁ ସୁନ୍ଦରଭାବେ ସଜାଇ ପରୀ କଥାର କାହାଣୀ ଭଳି କଳାକୃତି ଗଢ଼ନ୍ତି ; ଯେଉଁଥିରେ ସେ ନିଜେ ଏକ ଚରିତ୍ର ହୋଇଥାନ୍ତି । ଆଉ ଏହି ସୁନ୍ଦର କଳାକୃତିର ଚିତ୍ରୋତ୍ତଳନ କରନ୍ତି ତାଙ୍କର ବନ୍ଧୁ ଜେମ୍ସ ଟ୍ରେଭିନୋ । ଦୁହିଁଙ୍କ ଯୁଗଳବନ୍ଦୀରେ ତିଆରି ହେଉଥିବା ଏହି କଳାକୃତି ସମସ୍ତଙ୍କୁ ବେଶ୍ ପସନ୍ଦ ହେଉଛି । କେତେବେଳେ ସେ ବହି ସାହାଯ୍ୟରେ ଜଳପରୀ ସାଜନ୍ତି ତ କେବେ ପ୍ରଜାପତି । ପୁଣି କେବେ ହ୍ୟାରୀ ପୋଟର୍ ଭଳି ଜାଦୁର ଝାଡୁ ଧରି ଉଡ଼ିବା ଦୃଶ୍ୟ ତିଆରି କରନ୍ତି । ଆଉ ଏ ସବୁ ଦେଖିବାକୁ ବେଶ୍ ଚମତ୍କାର ଲାଗେ ।













# ଲେଗୋ ବ୍ରିଜ୍

ଲେଗୋ ଜଏଣ୍ଟ ଛୋଟ ପିଲାଙ୍କର ବେଶ୍ ପ୍ରିୟ । ସେମାନେ ସେଥିରେ ମନପସନ୍ଦର ଜିନିଷ ତିଆରି କରି ଖେଳନ୍ତି । କେବେ ସେଥିରେ ସେମାନେ ଘର ତିଆରି କରନ୍ତି ତ ଆଉ କେବେ ଗାଡି ଓ ବ୍ରିଜ୍ । ତେବେ ଜାଣନ୍ତି କି ବାସ୍ତବରେ ଏକ ବ୍ରିଜ୍ ଅଛି, ଯାହା ଲେଗୋ ବ୍ରିଜ୍‌ଭାବେ ବେଶ୍ ପରିଚିତ । ଏହି ବ୍ରିଜ୍ ଜର୍ମାନୀର ଉପର୍ଟାଲରେ ଅଛି । ବ୍ରିଜ୍‌କୁ ଦେଖିଲେ ଲାଗେ ତାହା ବଡ଼ ବଡ଼ ରଙ୍ଗିନ୍ ଲେଗୋ ଜଏଣ୍ଟରେ ତିଆରି । ଏହି ବ୍ରିଜ୍‌ରେ ଗାଡ଼ି ଯିବା ଆସିବା କରିବା ସହ ସେଥିରେ ଫୁଟ୍ ୱେ ଓ ବାଇକ୍ ୱେ ବି ଅଛି । ତେବେ ଏହି ସୁନ୍ଦର ଲେଗୋ ବ୍ରିଜ୍‌ଟି କିନ୍ତୁ ପ୍ଲାଷ୍ଟିକ୍‌ର ଲେଗୋ ଜଏଣ୍ଟରେ ତିଆରି ହୋଇନାହିଁ । ବରଂ କଂକ୍ରିଟ୍‌ରେ ତିଆରି ଓ ତାକୁ ଲେଗୋ ଜଏଣ୍ଟ ଭଳି ରଙ୍ଗରେ ରଙ୍ଗା ମଧ୍ୟ ଯାଇଛି । ତେଣୁ ତାହା ଏକ ସତସତିକା ଲେଗୋ ବ୍ରିଜ୍ ପରି ଲାଗେ ।